

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୨ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 FEBRUARY 2025
Vol.No. 36 ■ No.31 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୫ ଲକ୍ଷ ୪୧ ହଜାର ୮୫୦ କୋଟି ଟଙ୍କାର କେନ୍ଦ୍ରୀୟ ବଜେଟ ଉପସ୍ଥାପିତ



- ■ମଧ୍ୟବିତ୍ତଙ୍କ ଅଣ୍ଟି ଭରିଦେଲେ: ୧୨ ଲକ୍ଷ ଯାଏ ଟିକସ ଛାଡ
- ■ସବୁ ଜିଲ୍ଲାରେ କ୍ୟାନ୍ସର ହସ୍ପିଟାଲ, ସବୁ ହାଇସ୍କୁଲରେ ବ୍ରଡବ୍ୟାଣ୍ଡ ସିଷ୍ଟମ
- ■ଚାଷୀଙ୍କ ପାଇଁ ବଡ଼ ଘୋଷଣା; ବଢ଼ିଲା କିସାନ୍ କ୍ରେଡିଟ୍ କାର୍ଡର ଲିମିଟ୍
- ■ଆସିବ ନୂଆ ଆୟକର ଆଇନ୍
- ■୬.୮୧ ଲକ୍ଷ କୋଟିକୁ ବଢ଼ିଲା ପ୍ରତିରକ୍ଷା ବଜେଟ୍

ନୂଆଦିଲ୍ଲୀ, ୩୧/୧ : ମୋଦି ୩.୦ର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟରେ ମଧ୍ୟବିତ୍ତଙ୍କ ଅଣ୍ଟି ଭରିଦେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ବାର୍ଷିକ ୧୨ଲକ୍ଷ ଟଙ୍କା ଯାଏଁ ଆୟ କରୁଥିବା ବ୍ୟକ୍ତିଙ୍କୁ ଆଉ ଦେବାକୁ ପଡ଼ିବନି ଇନକମ୍ ଟ୍ୟାକ୍ସ। ନ୍ୟୁ ଟ୍ୟାକ୍ସ ରେଜିମରେ ଟ୍ୟାକ୍ସ ସ୍ଲାବରେ ବଡ଼ ପରିବର୍ତ୍ତନ ଆଣି ବ୍ୟକ୍ତିଗତ ଆୟକରଦାତାଙ୍କୁ ଆଶାଠୁ ଅଧିକ ଖୁସି କରିବାର ଉଦ୍ୟମ କରିଛନ୍ତି। ତେବେ ଓଲ୍ଡ ଟ୍ୟାକ୍ସ ରେଜିମରେ ଆୟକର ସ୍ଲାବ ଅପରିବର୍ତ୍ତିତ ରହିଛି। କେବଳ ସେତିକି ନୁହେଁ, ବଜେଟରେ ବରିଷ୍ଠ ନାଗରିକଙ୍କ ଲାଗି ଥିବା ଟ୍ୟାକ୍ସ ଡିଡକ୍ସନକୁ ବି ଡବଲ୍ କରିଦିଆଯାଇଛି। ବ୍ୟକ୍ତିଗତ ଆୟକର ବ୍ୟବସ୍ଥାରେ ବଡ଼ ସଂସ୍କାର। ମଧ୍ୟବିତ୍ତଙ୍କୁ ଜବରଦସ୍ତ ରିହାତି। ଏଣିକି ବ୍ୟକ୍ତିଗତ ଆୟକରଦାତାଙ୍କୁ ସେମାନଙ୍କ ବାର୍ଷିକ ୧୨ ଲକ୍ଷ ଟଙ୍କା ଯାଏଁ ଆୟ ଉପରେ କୌଣସି ଇନକମ୍ ଟ୍ୟାକ୍ସ ଦେବାକୁ ପଡ଼ିବନି। ବେତନଭୋଗୀ ଓ ପେନସନରଙ୍କୁ ତ ଆହୁରି ଫାଇଦା। ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ୭୫ ହଜାର ଟଙ୍କାକୁ ମିଶାଇ ୧୨ ଲକ୍ଷ ୭୫ ହଜାର ଆୟ ଉପରେ ଦେବାକୁ ହେବନି ଟଙ୍କାଟିଏ ବି ଟିକସ। କେବଳ ସେତିକି ନୁହେଁ, ଏହାଦ୍ୱାରା ନୂଆ ଟ୍ୟାକ୍ସ ରେଜିମ୍ରୁ ଆପଣାଉଥିବା ଆୟକରଦାତାଙ୍କ ୧୨ ଲକ୍ଷ ଟଙ୍କା ଆୟ ଉପରେ ୮୦ ହଜାର ଟଙ୍କା ସଂଚୟ ହେବ। ▶▶ପୃଷ୍ଠା ୭

## ‘ବଜେଟ ଦେଶର ସାଧାରଣ ନାଗରିକଙ୍କ ସଞ୍ଚୟ ବୃଦ୍ଧି କରିବ’ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧/୨ : ଦେଶର ବିକାଶ ସୁନିଶ୍ଚିତ କରିବ ଏହି ବଜେଟ୍। ଆଜି ସଂସଦରେ ସାଧାରଣ ବଜେଟ ଉପସ୍ଥାପନ ପରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ସାଧାରଣତଃ ସରକାର ରାଜକୋଷ ଭରିବା କଥା ଚିନ୍ତା କରିଥାନ୍ତି। କିନ୍ତୁ ଏଥର ବଜେଟରେ ନାଗରିକଙ୍କ ପକେଟକୁ ଗୁରୁତ୍ୱ ମିଳିଛି। ବଜେଟ ଦେଶର ସାଧାରଣ ନାଗରିକଙ୍କ ସଞ୍ଚୟ ବୃଦ୍ଧି କରିବ। ଫଳରେ ସେମାନେ ଦେଶର ବିକାଶରେ ସାମିଲ ହୋଇପାରିବେ। ଏହି ବଜେଟ୍ ଲୋକଙ୍କ ବଜେଟ୍ ଏବଂ ଏଥିରୁ ସମସ୍ତ ଆୟ ବର୍ଗର ଲୋକଙ୍କୁ ଫାଇଦା ମିଳିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଏପଟେ ୫୦ ଲକ୍ଷ କୋଟି ଟପିଲା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍। ବଜେଟ୍ର କଳେବର ୭.୪ ପ୍ରତିଶତ ବୃଦ୍ଧି ହୋଇଛି। ▶▶ପୃଷ୍ଠା ୭

## ବଜେଟ ବିକଶିତ ଭାରତ ପାଇଁ ବଜେଟ: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଭୁବନେଶ୍ୱର, ୧/୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ୨୦୨୫-୨୬ ବଜେଟକୁ ବିକଶିତ ଭାରତ ପାଇଁ ବଜେଟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଏହି ବଜେଟରେ ମହିଳା ଉଦ୍ୟୋଗୀଙ୍କୁ ପାଇଁ ନୂତନ ସୁଯୋଗ ସହ ଆତ୍ମନିର୍ଭର କରିବା ନିମନ୍ତେ ବ୍ୟାପକ ବ୍ୟବସ୍ଥା ହୋଇଛି। ମୋଟ ୫ ଲକ୍ଷ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ମହିଳା ଉଦ୍ୟୋଗୀଙ୍କୁ ଆଗାମୀ ୫ ବର୍ଷରେ ୨ କୋଟି ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। କୃଷି ଏବଂ କୃଷକଙ୍କ ବିକାଶକୁ ପ୍ରାଧାନ୍ୟ ଦେଇ ଆରମ୍ଭ ହେବ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'। ଦେଶର ମୋଟ ୧୦୦ଟି ଖାଇବା ତେଲରେ ଭାରତକୁ ଆତ୍ମନିର୍ଭର କରିବା ନିମନ୍ତେ ଆରମ୍ଭ ହେବ ୬ ବର୍ଷିଆ ସ୍ୱତନ୍ତ୍ର ଯୋଜନା। ▶▶ପୃଷ୍ଠା ୭

## ବଜେଟ୍ ୨୦୨୫: ବିହାରକୁ ବଡ଼ ଭେଟି



ନୂଆଦିଲ୍ଲୀ, ୧/୨ : ଆଜି ସଂସଦରେ ଉପସ୍ଥାପନ ହୋଇଛି କେନ୍ଦ୍ର ବଜେଟ୍- ୨୦୨୫-୨୬ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଷ୍ଟମ ଥର ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିଛନ୍ତି। ଏଥର ତାଙ୍କ ବଜେଟ୍ ପେଡ଼ିରେ ବିହାର ପାଇଁ ବଡ଼ ଭେଟି ଘୋଷଣା ହୋଇଛି। ବିହାରରେ ଗ୍ରୀନଫିଲ୍ଡ ବିମାନ ବନ୍ଦରର ସୁବିଧା ପ୍ରଦାନ କରାଯିବ । ଏହାସହ ପାଟନା ବିମାନ ବନ୍ଦରର କ୍ଷମତାକୁ ମଧ୍ୟ ବଢାଯିବ। ଅର୍ଥମନ୍ତ୍ରୀ କହିଛନ୍ତି, ପାଟନା ଆଇଆଇଟିର ସିଟ୍ ସଂଖ୍ୟାରେ ବୃଦ୍ଧି କରାଯିବ। ଆଉ ସେଠାରେ ଥିବା ହଷ୍ଟେଲ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରାଯିବ । ଖାଲି ସେତିକି ନୁହେଁ, ପାଟନା ଆଇଆଇଟିରେ ଏବଂ ସଂରଚନାକୁ ଗୁରୁତ୍ୱ ଦିଆଯିବ। ଏଥିସହ ବିହାରରେ ହେବ ମଖାନା ବୋର୍ଡ। ଏଥିରେ ନିୟୋଜିତ ଲୋକଙ୍କୁ ଋଚଢଙ୍ଗ ରେ ସଂଗଠିତ କରାଯିବ। ବୋର୍ଡ ମାକାନା ଚାଷୀମାନଙ୍କୁ ତାଲିମ ସହାୟତା ଯୋଗାଇବ ଏବଂ ସମସ୍ତ ସରକାରୀ ଯୋଜନାରେ ସାମିଲ୍ କରିବା ପାଇଁ ମଧ୍ୟ କାର୍ଯ୍ୟ କରିବ। ଏହା ପୂର୍ବରୁ ମଧ୍ୟ ମଧ୍ୟବର୍ତ୍ତୀକାଳୀନ ବଜେଟରେ ମୋଦି ସରକାର ବିହାର ଆଉ ଆନ୍ଧ୍ରପ୍ରଦେଶକୁ ▶▶ପୃଷ୍ଠା ୭

## ବଜେଟରେ ୧୨ ବଡ ଘୋଷଣା

- -ଭାରତ ହେବ ଖେଳନା ତିଆରିର ବିଶ୍ୱସ୍ତରୀୟ କେନ୍ଦ୍ର
- -ଖେଳନା ପାଇଁ ଆରମ୍ଭ ହେବ ବଡ ଯୋଜନା
- -ଉଡାଣ ଯୋଜନାରେ ଉପକୃତ ହେବେ ଦେଢ କୋଟି ଲୋକ
- -୧୦ ବର୍ଷରେ ତିଆରି ହେବ ୧୨୦ ବିମାନବନ୍ଦର
- -ପାହାଡି ଇଲାକାରେ ନିର୍ମାଣ ହେବ ହେଲିପ୍ୟାଡ୍ ଓ ବିମାନବନ୍ଦର
- -ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ, ସବୁ ସରକାରୀ ମାଧ୍ୟମିକ ସ୍କୁଲରେ ବ୍ରଡବ୍ୟାଣ୍ଡ ବ୍ୟବସ୍ଥା
- -ଏଆଇ ଶିକ୍ଷାକୁ ଗୁରୁତ୍ୱ, ୫୦୦ କୋଟିର ବ୍ୟୟବରାଦ
- -୨୦୨୮ ମସିହା ଯାଏଁ ବଢିଲା ଜଳ ଜୀବନ ମିଶନ
- -ଆଗାମୀ ସପ୍ତାହରେ ଆସିବ ନୂଆ ଆୟକର ବିଲ୍
- -କିଷାନ କ୍ରେଡିଟ୍ କାର୍ଡରେ ବଢିଲା ଋଣ ପରିମାଣ
- -୩ ଲକ୍ଷ ଟଙ୍କାରୁ ବଢି ହେଲା ୫ ଲକ୍ଷ ଟଙ୍କା
- -ଡାଲି ଉତ୍ପାଦନରେ ଭାରତ ହେବ ଆତ୍ମନିର୍ଭର

## ୧ ଟଙ୍କାରେ ବଜେଟ ହିସାବ : ଜାଣନ୍ତୁ ବଜେଟର ଟିକିନିକି ହିସାବ

### ଆୟ ହୁଏ କେଉଁଠୁ ? (୧ଟଙ୍କାରେ ହିସାବ):

- ଆୟକର: ୨୨ ପଇସା
- କେନ୍ଦ୍ରୀୟ ଉତ୍ପାଦ : ୫ ପଇସା
- ଜିଏସଟି ଏବଂ ଅନ୍ୟ କର : ପଇସା
- କର୍ପୋରେଟ ଟ୍ୟାକ୍ସ ; ୧୭ ପଇସା
- ଉଧାରି ଓ ଅନ୍ୟ ଲେଣଦେଣ : ୨୪ ପଇସା
- ଅଣକର ପ୍ରାପ୍ତି : ୯ ପଇସା
- ଅଣଋଣ ପୁଞ୍ଜିଗତ ଆୟ: ୧ ପଇସା
- ସୀମା ଶୁଳ୍କ : ୪ ପଇସା



### କେଉଁଠି ଖର୍ଚ୍ଚ ହେଉଛି (୧ଟଙ୍କାରେ ହିସାବ) :

- ପେନସନ୍ : ୪ ପଇସା
- ଅନ୍ୟ ବ୍ୟୟ : ୮ପ.
- କେନ୍ଦ୍ର ପ୍ରାୟୋଜିତ ସ୍କିମ : ୮ ପଇସା
- ବିତ୍ତୀୟ ଆୟୋଗ ଓ ଅନ୍ୟାନ୍ୟ : ୮ ପଇସା
- ଟିକସ ଓ ଶୁଳ୍କରୁ ରାଜ୍ୟ ଭାଗ : ୨୨ ପଇସା
- ପ୍ରତିରକ୍ଷା : ୮ ପଇସା
- ପ୍ରମୁଖ ରିହାତି : ୬ ପଇସା
- କେନ୍ଦ୍ର ପ୍ରାୟୋଜିତ ସ୍କିମ୍: ୧୬ ପଇସା
- ସୁଧ ଦେୟ : ୨୦ ପଇସା

## ବଜେଟ୍ ୨୦୨୫-୨୬; କେଉଁ ବିଭାଗକୁ ମିଳିଲା କେତେ ଟଙ୍କା ?

- ପ୍ରତିରକ୍ଷା - ୪,୯୧,୭୩୨ କୋଟି
- ଗ୍ରାମୀଣ ବିକାଶ - ୨,୬୬,୮୧୭ କୋଟି
- ଗୃହ ମନ୍ତ୍ରାଳୟ - ୨,୩୩,୨୧୧ କୋଟି
- କୃଷି - ୧,୭୧,୪୩୭ କୋଟି
- ଶିକ୍ଷା - ୧,୨୮,୬୫୦ କୋଟି
- ସ୍ୱାସ୍ଥ୍ୟ - ୯୮,୩୧୧ କୋଟି
- ନଗର ଉନ୍ନୟନ - ୯୬,୭୭୭ କୋଟି
- ସୂଚନା ଓ ପ୍ରଯୁକ୍ତିବିଦ୍ୟା - ୯୫,୨୯୮ କୋଟି
- ଶକ୍ତି - ୮୧,୧୭୪ କୋଟି
- ବାଣିଜ୍ୟ ଓ ଉଦ୍ୟୋଗ - ୬୫,୫୫୩ କୋଟି
- ସମାଜ କଲ୍ୟାଣ - ୬୦,୦୫୨ କୋଟି
- ବୈଜ୍ଞାନିକ ବିଭାଗ - ୫୫,୬୭୯ କୋଟି


ବଜେଟ୍ ୨୦୨୫-୨୬; କେଉଁ ବିଭାଗକୁ ମିଳିଲା କେତେ ଟଙ୍କା ?


- ପ୍ରତିରକ୍ଷା - ୪,୯୧,୭୩୨ କୋଟି
- ଗ୍ରାମୀଣ ବିକାଶ - ୨,୬୬,୮୧୭ କୋଟି
- ଗୃହ ମନ୍ତ୍ରାଳୟ - ୨,୩୩,୨୧୧ କୋଟି
- କୃଷି - ୧,୭୧,୪୩୭ କୋଟି
- ଶିକ୍ଷା - ୧,୨୮,୬୫୦ କୋଟି
- ସ୍ୱାସ୍ଥ୍ୟ - ୯୮,୩୧୧ କୋଟି
- ନଗର ଉନ୍ନୟନ - ୯୬,୭୭୭ କୋଟି
- ସୂଚନା ଓ ପ୍ରଯୁକ୍ତିବିଦ୍ୟା - ୯୫,୨୯୮ କୋଟି
- ଶକ୍ତି - ୮୧,୧୭୪ କୋଟି
- ବାଣିଜ୍ୟ ଓ ଉଦ୍ୟୋଗ - ୬୫,୫୫୩ କୋଟି
- ସମାଜ କଲ୍ୟାଣ - ୬୦,୦୫୨ କୋଟି
- ବୈଜ୍ଞାନିକ ବିଭାଗ - ୫୫,୬୭୯ କୋଟି


## ବଜେଟରେ କ'ଣ ହେଲା ଶସ୍ତା ଓ କ'ଣ ହେଲା ମହଙ୍ଗା ?

**ଶସ୍ତା ହୋଇଥିବା ଜିନିଷ:** ମେଡିକାଲ ଉପକରଣ, ମୋବାଇଲ ବ୍ୟାଟେରୀ, ଇଲେକ୍ଟ୍ରି ଗାଡ଼ି, ଏଲଇଡି ଟିଭି, ଲିଥିୟମ ଆୟନ ବ୍ୟାଟେରୀ, କପଡ଼ା,ଜୋତା, ପର୍ସ, ଲେଦର ଜ୍ୟାକେଟ, ବୈଦ୍ୟୁତିକ ଉପକରଣ, ହ୍ୟାଣ୍ଡଲ୍ୟୁମ କପଡ଼ା। ୩୬ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ଶସ୍ତା ହେବ। କ୍ୟାନସର, ଅନ୍ୟ ଦୂରାରୋଗ୍ୟ ବ୍ୟାଧି ପାଇଁ ଔଷଧ ଶସ୍ତାରେ ମିଳିବ। ୩୬ ଜୀବନ ରକ୍ଷାକାରୀ ଔଷଧ ଉପରୁ କଷ୍ଟମ ଡ୍ୟୁଟି ସଂପୂର୍ଣ୍ଣ ଛାଡ଼ କରାଯାଇଛି। ଏଲ୍ ଇଡି ଟିଭି ଉପରୁ କର ହ୍ରାସ ନେଇ ଘୋଷଣା କରିଛନ୍ତି ନିର୍ମଳା।

**ମହଙ୍ଗା ହୋଇଥିବା ଜିନିଷ:** ପାଷ୍ଟିକ ଜାତ ଉତ୍ପାଦନ ସାମଗ୍ରୀ ମହଙ୍ଗା ହୋଇଛି । ନିଟେଡ୍ ଫାବ୍ରିକ୍, ଫ୍ଲାଟ୍ ସ୍କ୍ରିନ୍ ଟିଭି ମହଙ୍ଗା ହେବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

## ପୁଣି ଉଠିଲା ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ମାମଲା: ପଶିବ ସିବିଆଇ



ଭୁବନେଶ୍ୱର, ୧/୨(ନି.ପ୍ର) :୧୬ ବର୍ଷ ତଳର ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାକାଣ୍ଡ, ରାଜ୍ୟ ରାଜନୀତିର ପଟ୍ଟ ପରିବର୍ତ୍ତନ କରିଦେଇଥିଲା । କିନ୍ତୁ ଏହି ହତ୍ୟାକାଣ୍ଡ ତଦନ୍ତର ସ୍ୱଚ୍ଛତାକୁ ନେଇ ବାରମ୍ବାର ପ୍ରଶ୍ନ ଉଠାଇ ଆସିଛି ଭାରତୀୟ ଜନତା ପାର୍ଟି। ସିବିଆଇ ତଦନ୍ତ ଦାବି କରି ବିଜେପି ଆନ୍ଦୋଳନ କରିବାସହ ତତ୍କାଳୀନ ରାଜ୍ୟ ସରକାରଙ୍କୁ ବାରମ୍ବାର ଘେରିଛି। ଆଉ ଏବେ ବିଜେପି ସରକାର ହେବାର ୮ ମାସ ପରେ ଏହି ଦାବି ପୁଣି ଉଠିଛି । ସତ୍ୟ ସନାତନ ସମାଜର ଯନ୍ତ୍ରୀ ଦେବାଶିଷ ହୋତାଙ୍କ ନେତୃତ୍ୱରେ ୩୦ ଜିଲ୍ଲାରୁ ଦସ୍ତଖତ ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ୧୯୯୯ ମସିହା ଗ୍ରାହମ୍ ଷ୍ଟେନ୍ସ ହତ୍ୟାର ଷଡ୍ଯନ୍ତ୍ରକାରୀ ବୋଲି ଦାରା ସିଂ ୨୫ ବର୍ଷ ହେବ ଜେଲ୍ରେ ସଜା କାଟୁଥିବା ବେଳେ ୨୦୦୮ ମସିହା ଲକ୍ଷ୍ମଣାନନ୍ଦ ହତ୍ୟାର ଷଡ୍ଯନ୍ତ୍ରକାରୀ ବିଜେଡି ରାଜ୍ୟସଭା ସାଂସଦ କାହିଁକି ଖୋଲାରେ ବୁଲୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାକାଣ୍ଡ ଘଟଣା ଉପରେ ପରଦା ହଟାଇବାକୁ ଓଡିଶାବାସୀଙ୍କୁ ପ୍ରତିଶୃତି ଦେଇଥିଲା ବିଜେପି । ସରକାରକୁ ଆସିଲେ ସିବିଆଇ ତଦନ୍ତ କରିବାକୁ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା ବିଜେପି । ତେବେ ବିଭିନ୍ନ ଆଡୁ ଦାବି ଆସୁଥିବାବେଳେ ମୋହନ ସରକାରଙ୍କ ପଦକ୍ଷେପ କଣ ରହିବ ତା ଉପରେ ନଜର ରହିଛି। ୨୦୧୫ ମସିହାରେ ତତ୍କାଳୀନ ବିଜେଡି ସରକାର ହତ୍ୟାକାଣ୍ଡ ସମ୍ପର୍କରେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା ।

## କର୍ଣ୍ଣାଟକରେ ଇଚ୍ଛାମୃତ୍ୟୁକୁ ଅନୁମତି : ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟରେ ଲାଗୁ



ନୂଆଦିଲ୍ଲୀ, ୧/୨ : ରାଇଟ ଟୁ ଡାଏ ଆଣ୍ଡ୍ ୱିଥ ଡିଗନିଟି ବା ସମ୍ମାନର ସହ ଇଚ୍ଛାମୃତ୍ୟୁ ଅଧିକାର ଲାଗୁ। ଦେଶର ପ୍ରଥମ ରାଜ୍ୟଭାବେ କର୍ଣ୍ଣାଟକ ସରକାର ନିର୍ଦ୍ଦେଶ ଲାଗୁ କରିଛନ୍ତି । ଅତ୍ୟଧିକ ଗମ୍ଭୀର ରୋଗରେ ପୀଡିତ ବା ଯେଉଁ ରୋଗରେ ଚିକିତ୍ସା ନାହିଁ ସେଭଳି ସ୍ଥିତିରେ ବ୍ୟକ୍ତି ସମ୍ମାନର ସହ ଇଚ୍ଛାମୃତ୍ୟୁ ଅଧିକାର ଅନୁସାରେ ନିଜ ଜୀବନ ତ୍ୟାଗ କରିପାରିବେ । ନିକଟରେ ଏହି ପିଟିସନ ଉପରେ ଶୁଣାଣୀ କରି ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ଅଧିକାର ଲାଗୁ କରିବାକୁ ଆଦେଶ ଦେଇଥିଲେ ।ଆଜି ଏହି ବାବଦରେ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ । ତେବେ ଏହା ପାଇଁ ନିର୍ଦ୍ଦିଷ୍ଟ ନିୟମ ରହିଛି । ସମ୍ମାନଜନକ ଇଚ୍ଛାମୃତ୍ୟୁ ପାଇଁ ଟୁ-ଷ୍ଟେପ ମେଡିକାଲ ରିଭ୍ୟୁ ସିଷ୍ଟମ ଆବଶ୍ୟକ। ମୁଖ୍ୟତ ଲାଇଫ ସପୋର୍ଟ ସିଷ୍ଟମରେ ଥିବା ରୋଗୀଙ୍କ ପାଇଁ ଲାଗୁ ହେବ । ୩ଜଣ ସଦସ୍ୟଙ୍କୁ ନେଇ ଗଠିତ ଡାକ୍ତରୀଟିମ ରୋଗୀଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଥମେ ନିରିକ୍ଷଣ କରିବେ। ଏନେଇ କୋର୍ଟଙ୍କୁ ଏକ ରିପୋର୍ଟ ଦେବେ। କୋର୍ଟଙ୍କ ଆଦେଶ ମିଳିବା ପରେ ଇଚ୍ଛାମୃତ୍ୟୁକୁ ନେଇ ପ୍ରକ୍ରିୟା ଆରମ୍ଭ କରାଯିବ।

# ଦେବେନ୍ଦ୍ର କୁମାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୧/୨ (ନି.ପ୍ର): ଜିଲ୍ଲାର ତରଭା ସ୍ଥିତ ଏ.ଇ.ଏସ୍. ମହାବିଦ୍ୟାଳୟରେ ସହକାରୀ ଗ୍ରନ୍ଥାଧ୍ୟକ୍ଷ ଡ଼. ଦେବେନ୍ଦ୍ର କୁମାର ନାଏକଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବାବେଳେ ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରଫେସର ଅନୋଜ ଭୁକ୍ତା, ଅର୍ଥନୀତି ବିଭାଗୀୟ ମୁଖ୍ୟ ପ୍ରଫେସର ବିନତୀ ମିଶ୍ର, ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼. ସରୋଜିନୀ ପଧାନ ତଥା ଗଣିତ ବିଭାଗୀୟ ମୁଖ୍ୟ ଶିବରାମ ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ପ୍ରଫେସର ଦେବାଶିଷ ଶତପଥୀ, ରୋହିତ ପଧାନ,ପ୍ରଭୁଦତ ହୋତା,ରୋଶନ ମେହେର, ବିଦ୍ୟାପତି ଦାନୀ, ଡ଼ଃ ସବିତା ମିଶ୍ର, ମନୋରଞ୍ଜନ ଭୋଇ, ପ୍ରଶାନ୍ତ ନାଗ, ଶଙ୍କର ବଘାର ପ୍ରମୁଖ ଡ଼. ଦେବେନ୍ଦ୍ର କୁମାରଙ୍କ କର୍ମମୟ ଜୀବନର ସ୍ମୃତି ଚାରଣ କରିବା ସାଙ୍ଗେ ସାଙ୍ଗେ ଅବସର ପରବର୍ତ୍ତୀ ନିରାମୟ, ସୁଖମୟ ଜୀବନଯାପନର କାମନା କରିଥିଲେ । ପରେ ସହକାରୀ ଗ୍ରନ୍ଥାଧ୍ୟକ୍ଷ ଡ଼. ନାଏକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ମୋନାଲିସା ପଧାନ, ସୁନିତା ପଧାନ, ସୌମ୍ୟାଶ୍ରୀ ମିଶ୍ର, ଖେଳ ଶିକ୍ଷକ ସଞ୍ଜୀବ ସାହୁ, ମୁଖ୍ୟ କିରାଣୀ ସନ୍ତୋଷ ଚାନ୍ଦ, ମୋତିଲାଲ ନାଏକ, ଧିରୋଜ ସାହୁ ଏବଂ ଦେବାଶିଷ ନାଏକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। କଲେଜର ସମସ୍ତ ଶିକ୍ଷକ, ଅଣ-ଶିକ୍ଷକ କର୍ମଚାରୀ ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ବଜାଗଜା ସହ ବିରାଟ ଶୋଭାଯାତ୍ରାରେ ଡ଼. ଦେବେନ୍ଦ୍ର କୁମାରଙ୍କ ଉଦ୍ଦେଶ୍ୟରେ ସହର ପରିକ୍ରମା କରି ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଶହୀଦ୍ ଦିବସରେ ୬୨ତମ ପଂଚାୟତ ସ୍ତରୀୟ ଶିଶୁମେଳା

କେନ୍ଦ୍ରାପଡ଼ା, ୧/୨ (ନି.ପ୍ର): କେନ୍ଦ୍ରାପଡା ମାର୍ଶାଘାଇ ବ୍ଲକ ଅଧିନସ୍ଥ କୁହୁଡି ଗ୍ରାମ ପଂଚାୟତର ପଂଚାୟତ ଅଫିସରେ ୬୨ତମ ପଂଚାୟତ ସ୍ତରୀୟ ଶିଶୁମେଳା ପାଳିତ ହୋଇଯାଇଛି । ଶିଶୁମେଳା କମିଟିର ସଭାପତି ଭକ୍ତଚରଣ ମଲ୍ଲଙ୍କ ଅଧ୍ୟକ୍ଷତାରେ ଏହି ଶିଶୁମେଳାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନନୀୟ ଅତିଥିଭାବେ ଅରବିନ୍ଦ ପରିଡା, ଶିଶୁମେଳା କମିଟିର ସଂପାଦକ ପ୍ରଭାତ ରଂଜନ ଦାସ, ପଣ୍ଡିତ ସୁବାସ ଚନ୍ଦ୍ର ପାଣି ଉପସ୍ଥିତ ଥିଲେ। ଏହି ଶିଶୁମେଳାରେ ପଂଚାୟତ ସମସ୍ତ ସ୍କୁଲର ଶିଶୁ ଓ ଅଭିଭାବକମାନେ ଯୋଗ ଦେଇଥିଲେ। ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ମହାକାଳପଡା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, ଶିଶୁ ବିକାଶ ଯୋଜନା ଅଧିକାରୀ ଶୈଳବାଳା ଚାଷି, ଅବସରପ୍ରାପ୍ତ ଯନ୍ତ୍ରୀ ଉମେଶ ଚନ୍ଦ୍ର ମହାରଣା, ଓଷ୍ଠା ସଂପାଦକ ଭଗବାନ ସାହୁ, କୁହୁଡି ସେବା ସମବାୟ ସମିତି ସଭାପତି ଅଜୟ କୁମାର ଦାସ ପ୍ରମୁଖ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଅରବିନ୍ଦ ପରିଡା ଓ ଦିବ୍ୟରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଶିଶୁମାନଙ୍କର ସାମୁଦ୍ରିକ ବିକାଶ ଓ ଅନ୍ତଃର୍ନିହିତ ଗୁଣର ଉପଯୁକ୍ତ ପରିପ୍ରକାଶ ପାଇଁ ଅଭିଭାବକମାନେ ଅଧିକ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ମହାକାଳପଡା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, ଶିଶୁ ବିକାଶ ଯୋଜନା ଅଧିକାରୀ ଶୈଳବାଳା ଚାଷି, ଅବସରପ୍ରାପ୍ତ ଯନ୍ତ୍ରୀ ଉମେଶ ଚନ୍ଦ୍ର ମହାରଣା, ଓଷ୍ଠା ସଂପାଦକ ଭଗବାନ ସାହୁ, କୁହୁଡି ସେବା ସମବାୟ ସମିତି ସଭାପତି ଅଜୟ କୁମାର ଦାସ ପ୍ରମୁଖ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସରପଂଚ ପ୍ରଭାତ ରଂଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ପଲାଇ, ସମିତି ସଭ୍ୟ କୁହୁଡି ଶ୍ରୀମତୀ ଗୌରୀ ମହାରଣା, ନାଏବ ସରପଂଚ ଶ୍ରୀମତୀ ମିନତୀ ସେଠୀ, ସିଆର୍‌ସି ମଧୁସାଗର କ୍ଲଷ୍ଟର ଅରୁପାନନ୍ଦ ଜ୍ଞାନ ଚନ୍ଦ୍ର ପରିଡା ଉପସ୍ଥିତ ଥିଲେ।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୁରୀ, ୧/୨ (ନି.ପ୍ର): ବଳଙ୍ଗା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରମେଶ କୁମାର ଖଟୋଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ପୂର୍ବାହ୍ନରେ ବଳଙ୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଶ୍ରୀ ଖଟୋଇଙ୍କ କାର୍ଯ୍ୟାବଳୀ ର ପ୍ରଶଂସା କରିଥିଲେ। ଶ୍ରୀ ଖଟୋଇଙ୍କ ସମୟରେ ବିଭିନ୍ନ କ୍ରୀଡ଼ାର ବିକାଶ ସହ ଛାତ୍ରଛାତ୍ରୀ ମାନେ ଶାରୀରିକ ଦକ୍ଷତା ସମ୍ପର୍ଣ୍ଣ, ଏନ ସି ସି ରେ ଅଂଶଗ୍ରହଣ ଓ ବିଭିନ୍ନ କ୍ରୀଡା କାର୍ଯ୍ୟକ୍ରମରେ ଯୋଗ ଦେଇ ସଫଳତା ହାସଲ କରିଛନ୍ତି। ଏହା ଜଣେ ଶିକ୍ଷକଙ୍କ ଉତ୍କୃଷ୍ଟ ସେବା ଓ ସମର୍ପଣର ପରିପ୍ରକାଶ ବୋଲି ସେମାନେ କହିଥିଲେ।ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନ ଗୋବିନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅବସରକାଳୀନ ସମ୍ବର୍ଦ୍ଧନାରେ ପ୍ରଧାନ ଶିକ୍ଷକ ନନ୍ଦିତା ସାହୁ, କାମଦେବ ପ୍ରଧାନ, ନିରଞ୍ଜନ ମହାରଣା, ଗଙ୍ଗାଧର ରଥ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଜେନା, ବିକ୍ରମ ଜଗଦେବ, ନୃସିଂହ ଚରଣ ବେହେରା, ଶାନ୍ତି ଲତା ଜେନା, କୃଷ୍ଣ ଚନ୍ଦ୍ର ହୋତା, ସୁବାଷ ଚନ୍ଦ୍ର ଶତପଥୀ, ଦିବାକର ମୁଦୁଲି, ଶିକ୍ଷକ ବିପିନ ସାହୁ, ନେତ୍ରାନନ୍ଦ ବାରିକ, ପ୍ରଣତି ଛୋଟରାୟ, ମିନା କୁମାରୀ ରଥ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ଶ୍ରୀ ଖଟୋଇଙ୍କ କାର୍ଯ୍ୟ ଦକ୍ଷତା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଉତମ ବ୍ୟବହାର ସମ୍ପର୍କରେ ଆଲୋଚନା ଓ ସମ୍ବର୍ଦ୍ଧନା ଜ୍ଞାପନ କରି ମହାପ୍ରଭୁଙ୍କ ଆଶୀର୍ବାଦରୁ ଅବସର ପରବର୍ତ୍ତୀ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ଶ୍ରୀ ଖଟୋଇ ନିଜ ପ୍ରତିକ୍ରିୟାରେ ସମସ୍ତଙ୍କ ସହଯୋଗ ଓ ଭଲ ପାଇବା ଯୋଗୁଁ ସେ ସମସ୍ତ କାର୍ଯ୍ୟରେ ସଫଳ ହୋଇଛନ୍ତି ବୋଲି କହିଥିଲେ। ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଶ୍ରୀ ଖଟୋଇଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ କୃତଜ୍ଞତା ଜଣାଇଥିଲେ।

# ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ତରଫରୁ ‘ଅଦ୍ଵିକା’ଅନ୍ତର୍ଗତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଭବାନୀପାଟଣା, ୧/୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ଶିଶୁବିକାଶ ଭବାନୀପାଟଣାଙ୍କ ତରଫରୁ ବୋରଡ଼ା ଠାରେ ଅଦ୍ଵୀକା ଯୋଜନା ଅନ୍ତର୍ଗତ ଅନ୍ୱେଷଣ କାର୍ଯ୍ୟକ୍ରମ ବେଟି ବଂଚାଓ ବେଟୀ ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ନିୟତି ବାଲା ସୁରେନ ସି. ଡି.ପି.ଓ. ଶ୍ରୀମତୀ ଚନ୍ଦ୍ରିକା ଦୁର୍ଗା ଅଂଚଳ ପରିଦର୍ଶିକା ବୋରଡ଼ା, ଅର୍ତଳ ସେକ୍ଟର ସୁପର ଭାଇଜର, ସରପଂଚ ବୋରଡ଼ା ଶ୍ରୀମତୀ ରୀନା ଜାଲ, ଅଙ୍ଗନବାଡି ଭାରତୀ ଛୁରା, ସବିତାଞ୍ଜଳି ମହାପାତ୍ର, ଅଶୋକା ମଞ୍ଜରୀ ନାଏକ, ସରସ୍ଵତୀ ନାଏକ, ରେବତୀ, ପାମା ଯାନୀ ପ୍ରମୁଖ ଅନେକ କର୍ମୀ, କିଶୋରୀ ବାଳିକା ଶିଶୁ, ମା ଓ ଭଉଣୀ ମାନେ ଉପସ୍ଥିତ ରହିଥିଲେ, ପ୍ରଥମେ ଅତିଥି ଙ୍କ କର କମଳରୁ ଦୀପ ପ୍ରଜ୍ଵଳନ କରି ପୂଜାର୍ଚନା କରାଯାଇଥିଲା ଏବଂ ବାଲ୍ୟ ବିବାହ ବନ୍ଦ କରିବା, ବେଟୀ ବଂଚାଓ ବେଟୀ ପଢାଓ ଓ ଝିଅ ହେଲେ ପାଠୋଇ ଦେଶ ଯିବ ଆଗେଇ ଇତ୍ୟାଦି ସ୍ଲୋଗାନ ଦେଇ ପରିକ୍ରମା କରାଯାଇଥିଲା। ସଚେତନତା ବାର୍ତା ପ୍ରଚାର କରିଥିଲେ ଏବଂ ମଂଚାସିନ ମୁଖ୍ୟ ଅତିଥି ଶ୍ରୀମତୀ ନିୟତି ବାଲା ସୋରେନ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଯେ ଦେଶରେ ବାଲ୍ୟ ବିବାହକୁ ସମ୍ପୂର୍ଣ ବନ୍ଦ କରିବା, ବେଟୀ ବଂଚାଓ ବେଟୀ ପଢାଓ କାର୍ଯ୍ୟକ୍ରମ, କିପରି ଗର୍ଭ ର ଶିଶୁ ଝିଅ ହେଲେ ଗର୍ଭ ନଷ୍ଟ କରୁଥିବାରୁ ଆଦି ଦିଗରେ ସମସ୍ତେ ସଚେତନତା ହୋଇ ବେଟୀ ବଂଚାଓ ବେଟୀ ପଢାଓ, କାର୍ଯ୍ୟକ୍ରମକୁ ବିଭିନ୍ନ କଳା ମାଧ୍ୟମରେ ପ୍ରକାଶ କରିଥିଲେ ଏବଂ ଛୋଟ ଛୋଟ ଶିଶୁ, କିଶୋରୀ ବାଳିକା ମାନେ ବିଭିନ୍ନ କଳା ନୃତ୍ୟ ମଧ୍ୟରେ ପରି ପ୍ରକାଶ କରିଥିଲେ। ବହୁତ ସୁନ୍ଦର ଭାବରେ ଏପରି ନୃତ୍ୟ କଳା ପରିବେଷଣ କଲେ ଯେ ସମସ୍ତ ମଂଚାସିନ ଅଧିକାରୀ ମାନେ ନୃତ୍ୟ ବାଦ୍ୟରେ ନାଚିଥିଲେ, ଝୁମିଥିଲେ, ନୃତ୍ୟ କଳାକାର ମାନଙ୍କୁ ନାମ ଲିପିବଦ୍ଧ କରାଯାଇଥିଲା। ଆସନ୍ତା ୪ ତାରିଖରେ ବ୍ଲକ ଠାରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ଥିବା ପ୍ରକାଶ କରାଯାଇଥିଲା। ସେ ଯାହା ହେଉ ଏହି କାର୍ଯ୍ୟକ୍ରମରେ ଶିଶୁ ବିକାଶ ଯୋଜନାର ସବୁ ଯୋଜନାକୁ ବକ୍ତବ୍ୟ ଅଧିକାରୀ ମାନେ ପରି ପ୍ରକାଶ କରିଥିଲେ। ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ଓ ଭୋଜନ କରାଯାଇଥିଲା।

# ବିଶିଷ୍ଟ ଯୁବ ସମାଜସେବୀ ଦିଲ୍ଲୀପ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୧/୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ଗ୍ରାମର ସମାଜସେବୀ ସ୍ୱର୍ଗତ ଦିଲ୍ଲୀପ ସାହୁ ଦ୍ୱାଦଶାହରେ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତିମାନେ ଗୁଲନଗର ଗ୍ରାମରେ ଥିବା ବୁଢା ଗୋବିନ୍ଦଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ସ୍ମୃତିସଭାରେ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ସମାଜସବୀ ରବୀନ୍ଦ୍ର ନାଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଦିଲ୍ଲୀପ ସମସ୍ତଙ୍କୁ ଆପଣାର କରୁଥିବା ଜଣେ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ସେ ଅହରହ ଗ୍ରାମପଂଚାୟତ ତଥା ବ୍ଲକର ଉନ୍ନତି ପାଇଁ ନେତାଙ୍କ ପିଛା ଛାଡୁ ନଥିଲେ। ତାଙ୍କ ଅକାଳ ବିୟୋଗ ଅଂଚଳ ପାଇଁ କ୍ଷତିକାରକ ବୋଲି ସେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ସାଂସଦଙ୍କ ପ୍ରତିନିଧି କିଶୋର ପଣ୍ଡା, ସମାଜସେବୀ ରଞ୍ଜିତ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ପ୍ରଦୀପ୍ତ ମହାନ୍ତି, ରବୀନ୍ଦ୍ର ପଣ୍ଡା, କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ବିଜେଡି ସଭାପତି ଧୀରେନ୍ ସାହୁ, ସମାଜସେବୀ ରାଜେଶ ପଣ୍ଡା, ବରିଷ୍ଠ ସାମ୍ବାଦିକ ପରେଶ ଦାସ, ସୋମନାଥ ସାହୁ, ଚିତରଞ୍ଜନ ଦାସ, ହିରଣ୍ୟ ପଣ୍ଡା, ସାବିର ଖାଁ, ରାଜୁ କୁବେର, ରଞ୍ଜନ ସାହୁ, ଶଶାଙ୍କ ଶେଖର ବିଶ୍ୱାଳ, ହରିହର ରଥ ପ୍ରମୁଖ ସ୍ମୃତିଚାରଣ କରି କହିଲେ ଦିଲ୍ଲୀପଙ୍କ ଭଳି ଜଣେ ସ୍ନେହୀ ଓ ପରୋପକାରୀ ଯୁବନେତା କେନ୍ଦ୍ରାପଡାରେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ସେ ଅକାଳରେ ଝଡି ପଡିଥିଲେ ମଧ୍ୟ ସମସ୍ତଙ୍କ ହୃଦୟରେ ସ୍ମରଣୀୟ ହୋଇରହିବେ।

# କୃଷ୍ଣଚନ୍ଦ୍ର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସଂକୁଳ ସ୍ତରୀୟ ଶିଶୁ ମେଳା ଓ ବିଜ୍ଞାନମେଳା ‘ସୁଗନ୍ଧ ୨୦୨୫’




ନୀଳଗିରି, ୧/୨ (ନି.ପ୍ର): ଶିଶୁ ମେଳା ହିଁ ପିଲାମାନଙ୍କ ପ୍ରତିଭାକୁ ବିକଶିତ କରିପାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ନୀଳଗିରିରେ ଉତ୍କଳ ଶିକ୍ଷା ପରିଷଦ ,ଓଡ଼ିଶା ତରଫରୁ ନୀଳଗିରି ସଂକୁଳ ସ୍ତରୀୟ ଶିଶୁ ମହୋତ୍ସବ ‘ ସୁଗନ୍ଧ ୨୦୨୫‘ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୀଳଗିରିର ସଂକୁଳ ପ୍ରମୁଖ ନରେନ୍ଦ୍ର ରାଉତଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ନୀଳଗିରି କେ ସି. ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଭୀମସେନ ବିଶ୍ୱାଳ ଯୋଗ ଦେଇ ଶିଶୁମାନଙ୍କ ମଧ୍ୟରେ ରହିଥିବା ସୁପ୍ତ ପ୍ରତିଭାକୁ ବିକଶିତ କରିବା ରେ ‘ ଶିଶୁମେଳା‘ ହିଁ ପ୍ରକୃତ ମାଧ୍ୟମ ଅଟେ ବୋଲି ବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱରର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରିବା ରେ ଅଭିଭାବକ ଓ ଗୁରୁଜୀ ଗୁରୁମାଙ୍କ ର ମୁଖ୍ୟ ଭୂମିକା ରହିଛି ବୋଲି କହିଥିଲେ । ଅନୁଷ୍ଠାନର ସମ୍ପାଦକ ସତ୍ୟବ୍ରତ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ ଓଡ଼ିଶାର କାର୍ଯ୍ୟକାରିଣୀ ସଦସ୍ୟ ସୁରଜ ବାରିକ୍, ପ୍ରାନ୍ତ ନିରୀକ୍ଷକ ରବିନାରାୟଣ ରାଉତ ଶିଶୁ ମେଳାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଯତୀନ୍ଦ୍ର ନାଥ ଭୋଳ ସ୍ୱାଗତ ଅଭିଭାଷଣ ଦେବା ବେଳେ ଗୁରୁମା ସତ୍ୟଭାମା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ଜୟନ୍ତ ଷଡ଼ଙ୍ଗୀଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରତିଯୋଗୀମାନଙ୍କ ଦ୍ୱାରା ପୂଜନ କାର୍ଯ୍ୟକ୍ରମ ହେବା ପରେ ନଗର ପରିକ୍ରମା କରାଯାଇଥିଲା। ସକାଳେ ପ୍ରାରମ୍ଭରେ ଏହି ଶିଶୁମେଳାକୁ ନୀଳଗିରି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ଉଦ୍ଘାଟନ କରିଥିଲେ । ଉଦଯାପନୀ ସଭାରେ ଅନୁଷ୍ଠାନ ତରଫରୁ ଗୁରୁମା ଉର୍ବଶୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିଶୁ ମହୋତ୍ସବରେ ନୀଳଗିରି ସଂକୁଳର ସମସ୍ତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଶତାଧିକ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରବନ୍ଧ,ନାଚ୍ ,ଚିତ୍ରାଙ୍କନ, କୁଇଜ୍’,ଏକକ ଅଭିନୟ, ଭାଷାଜ୍ଞାନ,ସୁନ୍ଦର ହସ୍ତାକ୍ଷର, ବକ୍ତୃତା,ବିଜ୍ଞାନମେଳା ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏହି ଶିଶୁମେଳାରେ ଅମୃତବାଣୀ ଗୁରୁକୁଳ ଶିକ୍ଷା କେନ୍ଦ୍ର, ସାରୁପାଳକୁ ଚଳିତ ବର୍ଷର ଚମ୍ପିଆନ ଆଖ୍ୟା ପ୍ରଦାନ କରାଯାଇଥିଲା। ଶେଷରେ ଅତିଥିମାନେ ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।ଏହି ଶିଶୁ ମେଳାରେ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା ଏବଂ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ହସଖୁସି ଗ୍ରୁପର ପ୍ରସ୍ତୁତି ବୈଠକ

ପୁରୀ, ୧/୨ (ନି.ପ୍ର): ପବିତ୍ର ବଡଦାଣ୍ଡ । ମହାପ୍ରଭୁଙ୍କ ରଥଦାଣ୍ଡ । ବଳଗଣ୍ଡି ଠାରେ ରଥ ମୋଡ ନିଏ । ଆଧୁନିକ ଯାନ୍ତ୍ରିକ ଯୁଗରେ ମଣିଷ ହସିବାକୁ ସମୟ ପାଉନାହିଁ । ହସିବା ଓ ମନଖୁସି କରିବା ଦ୍ୱାରା ଅନେକ ରୋଗ ଭଲ ହୁଏ ଏହାକୁ ଆଖି ଆଗରେ ରଖି ଏହି ହସଖୁସି ସଂଗଠନ କରାଯିବ । ବଳଗଣ୍ଡି ଛକ ଶ୍ରୀ ତୁଳିକା ଆର୍ଟସ୍ ପାଖରେ ନୂତନ ଭାବେ ବିଭିନ୍ନ ବର୍ଗର ବ୍ୟକ୍ତି ମାନଙ୍କୁ ନେଇ ବଳଗଣ୍ଡି ହସଖୁସି ଗ୍ରୁପ ନାମରେ ଏକ ସମାଜିକ ସଂଗଠନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କେଶବ ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ବିଜୟ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସମାଜରେ ଜନତାଙ୍କ ସେବା କରିବା, ଖରାଦିନେ ଜଳ ଓ ପଣା ବଣ୍ଟନ ଓ ରଥଯାତ୍ରା ସମୟରେ ବିଭିନ୍ନ ସେବା ମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିଷ୍ପତି ହୋଇଥିଲା । ଫେବୃଆରୀ ମାସ ଶେଷ ରବିବାର ଦିନ ପୁରୀ ନିକଟସ୍ଥ ଏକ ଠାକୁରାଣୀଙ୍କ ମନ୍ଦିର ପରିସରରେ ବନ୍ଧୁମିଳନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ହେବ । ସେହିଠାରେ ଅନୁଷ୍ଠାନର କର୍ମକର୍ତା ଚୟନ କରାଯିବ ।

**OFFICE OF THE SORO MUNICIPALITY , SORO, BALASORE.**

**Quotation Call Notice.**

No. 375 , Date: 31/01/2025

Sealed Quotations are invited from the interested reputed / registered Transport / agency / Suppliers/ service providers/ private individual / firms for supply of 01 ( one) no. of commercial vehicle AC petrol/diesel Bolero with seating capacity of 7 including driver to the municipality for Official use. The DTCN with details terms and condition can be obtained from the office of the under signed on payment of Rs. 2000/- ( Rupees Two Thousand ) only as quotation paper cost in cash ( non- refundable) from dt. 03.02.2025 to 13.02.2025 within office hour. Bids with all relevant documents shall reach to the office of Soro Municipality till 14.02.2025 at 01 PM, which will be opened. on the same day at 3 PM in the presence of the bidders or their authorized representatives. The quotations received beyond the scheduled date time as indicated above due to postal delay or for any other reasons shall not be entertained. Further details and necessary documents can be seen/down loaded from website www.balasore.odisha.gov.in

Eligibility Criteria:

The Quotationer must produce the following documents for their eligibility as mentioned below.

1. The vehicle shall be in good condition and shall not be older than One year.
2. The owner of the vehicle should have valid MV documents such as valid Registration Certificate , Insurance Certificate, fitness Certificate and drivers valid driving license etc.

**The authority reserves the right to accept or reject any or all the tenders without assigning any reason thereof.**

**Executive officer**
**Soro Municipality**

**OIPR: 13166/11/0008/2425**

# ଫୁଲବାଣୀ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କନ୍ଧମାଳର ବାର୍ଷିକୋତ୍ସବ ଅନୁଷ୍ଠିତ

କନ୍ଧମାଳ, ୧/୨ (ନି.ପ୍ର): ଫୁଲବାଣୀ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କନ୍ଧମାଳର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଆଜି ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ମାର୍ଗଦର୍ଶନ ପାଇଁ ଉଚ୍ଚପ୍ରଶଂସା କରିଥିଲେ। ନିଜର ପିଲାମାନଙ୍କୁ ଯଥେଷ୍ଟ ସମୟ ଦେବାକୁ ସେମାନଙ୍କର ପିତାମାତାଙ୍କୁ ଅନୁରୋଧ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ କହିଲେ ଯେ, ବିନା ଚେଷ୍ଟାରେ କିଛି ସମ୍ଭବ ହୁଏ ନାହିଁ। ମନବଳ ଯଥେଷ୍ଟ ଅଧିକ ରହିବା ଉଚିତ୍ କାରଣ ମନବଳହିଁ ଦୁନିଆକୁ ଟଳମଳ କରିପାରିବ। ତେବେ, ସେମାନଙ୍କ ସୁଦୃଢ଼ ଭବିଷ୍ୟତ ପାଇଁ ଶ୍ରୀ ଜେନା ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ନରେଶ ଚନ୍ଦ୍ର ଜିନାଟା ତାଙ୍କର ପ୍ରାରମ୍ଭିକ ସମ୍ଭାଷଣରେ ଆଜିର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଦୀପେଶ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ, ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ “ଭାରତ ଏକ ରଙ୍ଗ ଅନେକ” ଏହି ବିଷୟକୁ ଆଧାର କରି ଭାରତର ବିଭିନ୍ନ ରାଜ୍ୟ ତଥା ଅଞ୍ଚଳର ସାଂସ୍କୃତିକ ବିବିଧତାକୁ ବିଭିନ୍ନ ନୃତ୍ୟଗୀତ ମାଧ୍ୟମରେ ପରିବେଷଣ କରିଥିଲେ। ଏହି ବାର୍ଷିକୋତ୍ସବରେ ଫୁଲବାଣୀ ର ବିଭିନ୍ନ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ, ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଅଭିଭାବକ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

# ନେତ୍ରଭାନୁ ହାଇସ୍କୁଲ ଜରାସିଂହାର ୧୯୭୯ ବ୍ୟାଚର ବନ୍ଧୁମିଳନ

ବଲାଙ୍ଗୀର, ୧/୨ (ନି.ପ୍ର): ଦେଓଗାଁ ବ୍ଲକ ଅନ୍ତର୍ଗତ ଭୀମପାହାଡ ଠାରେ ନେତ୍ରଭାନୁ ହାଇସ୍କୁଲ ଜରାସିଂହା ର ୧୯୭୯ ବ୍ୟାଚ ର ବନ୍ଧୁମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୫ ବର୍ଷ ପରେ ସମସ୍ତ ବନ୍ଧୁ ଏକତ୍ରିତ ହୋଇ ଭାବ ବିହ୍ୱଳ ହୋଇପଡିଥିଲେ। ୪୫ ବର୍ଷ ତଳର ସେହି ଛାତ୍ର ଭଳି ସମସ୍ତଙ୍କୁ ବ୍ୟବହାର ପ୍ରଦର୍ଶନ ଆମୋଦ ଜନକ ଥିଲା। ମଧୁସୁଦନ ନାୟକଙ୍କ ସ୍ନେହ-ଶ୍ରଦ୍ଧା ମିଶ୍ରିତ କୃତ୍ରିମ ଗାଳି ବର୍ଷଣ ସମସ୍ତଙ୍କୁ ପୁଲକିତ କରିଥିଲା। ଗିରିଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏକ ଭାବବିନିମୟ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଚର ଦିବଂଗତ ହୋଇଥିବା ସାଥି ଚାରୁଚନ୍ଦ୍ର ଦିପ, କବିରାଜ ସୁନା, ଉତର ଧରୁଆ, ରଙ୍ଗାଧର ପୁଟେଲ, ପଂଚାନନ ପଧାନ, ରାୟଚନ ରାଏ ଓ ପ୍ରଫୁଲ୍ଲ କୁମାର ବକ୍ସି ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ସମସ୍ତେ ଭାବ ବିନିମୟ କରିଥିଲେ। ୪୫ ବର୍ଷ ଭିତରେ ନିଜ ଜିବନର ଅନୁଭୁତି, ହର୍ଷ-ଆନନ୍ଦ, ଦୁଃଖ ସୁଖ, ସମାଜରେ ନିଜର ତଥା ନିଜେ ଭିଆଇଥିବା ପରିବାରର ସ୍ଥିତି ଜଣ ଜଣ କରି ବଖାଣି ଥିଲେ । ଆଜି ଆମେ ଶିଶୁ ସୁଲଭ ହୋଇଯାଇଛୁଁ ବୋଲି ଡ. ଶଶିଭୂଷଣ ସାହୁ ମତ ରଖିଥିବା ବେଳେ ମଧୁସୁଦନ ନାୟକ କହିଥିଲେ ଯଦି ବି କେବେ କାହା ସହିତ ଦେଖା ହେଉଛି ଭାବ ବିନିମୟ ପାଇଁ ତାହା ଯଥେଷ୍ଟ ନୁହେଁ। ନିଜ ନିଜ ସ୍ଥିତିରେ ସମାଜରେ ଯିଏ ଯାହା ହିସାବରେ ପ୍ରତିଷ୍ଠିତ। ଆମେ ବୟସ୍କ ହୋଇଗଲେଣି। ସମାଜରେ ଆଜି ଭଳି କୁଭାଷା-ସୁଭାଷା ପ୍ରୟୋଗ କରି ଖୋଲା ଭାବ ବିନିମୟ ର ସୁଯୋଗ ଆମ ପାଇଁ ଆଉ ନାହିଁ। ଖୋଲା ମନରେ ଭାବ ବିନିମୟ କରି ଆମୋଦିତ ହେବାର ସୁଯୋଗ ବାଲ୍ୟବନ୍ଧୁମାନଙ୍କ ସହିତ ଏଭଳି କାର୍ଯ୍ୟକ୍ରମରେ ହିଁ ହୋଇଥାଏ। ତେଣୁ ଆମେ ବଂଚିଥିବା ପର୍ଯ୍ୟନ୍ତ ଏ କାର୍ଯ୍ୟକ୍ରମକୁ ଜାରି ରଖିବା। ହୃଷିକେଶ ଚିନ୍ଦା ମତ ରଖିଥିଲେ ଯେ ଏଣୁ ଏଣିକି ଯାହା ଘରେ ବି ବିବାହ ବ୍ରତ ଠୁ ଆରମ୍ଭ କରି ମୃତାହ କାର୍ଯ୍ୟ ପର୍ଯ୍ୟନ୍ତ ସବୁ ସାମାଜିକ କାର୍ଯ୍ୟାନୁଷ୍ଠାନ ରେ ଆମେ ଏକତ୍ରିତ ହୋଇ ଯୋଗଦେବା ଓ ଦୁଃଖ ସୁଖରେ ମଧ୍ୟ ଛିଡା ହେବା।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ଫେବୃଆରୀ ୨୦୨୫
email : rabibarachayan2015@gmail.com




ଧାରାବାହିକ ଉପନ୍ୟାସ



# ବୈଦେହୀ

## ଡ.ଭାଗବତ ବେହେରା

ଭାଗ-୮୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ବନବାସରେ ଅନେକ ଦୁଃଖ ଭିତରେ ବି ମୁଁ ଅନେକ ଆନନ୍ଦ ପାଇଛି । ଶେଷରେ ସୀତାକୁ ହରାଇଲି । ଅନେକ ଦୁଃଖ ସହିତ ଲଙ୍କା ଯାତ୍ରା କଲି । ମୋ ସ୍ୱାମୀଙ୍କ ପାଟିରୁ କଥା ଛଡ଼ାଇନେଇ ଭରତ କହିଥିଲେ, ଭାଇ ଏତେବଡ଼ ବିପଦ କାଳରେ ବି ଆପଣ ମୋତେ ସ୍ମରଣ କଲେ ନାହିଁ ।

କେମିତି ସ୍ମରଣ କରିଥାନ୍ତି ଭରତ । ତୁ ଯାଇଥିଲେ ଅଯୋଧ୍ୟାର ପ୍ରଜାଙ୍କ ଦୁଃଖ ସୁଖ ବୁଝିଥାନ୍ତା କିଏ ? ବିଧିର ବିଧାନ ବିଚିତ୍ର । ଲଙ୍କା ଯାତ୍ରା କରି ରାବଣକୁ ନିହତ କରି ମୁଁ ସୀତାକୁ ଧରି ବନବାସର ଅବଧି ଚଉଦବର୍ଷ ପୂର୍ଣ୍ଣକରି ଆଜି ଅଯୋଧ୍ୟା ଫେରି ଆସିଛି । ଚାଲ ଆମେ ରାଜବାଟୀକୁ ଯିବା । ମାଆ ମାନେ ମୋର କେମିତି ଅଛନ୍ତି.... । ଏହାକହି ମୋ ସ୍ୱାମୀ ଆଗକୁ ପାଦ ବଢ଼ାନ୍ତେ ଭରତ ତାଙ୍କ ପାଦ ଧରିନେଇ କଠଉ ଦୁଇଟିକୁ ପିନ୍ଧାଇ ଦେଇ କହିଥିଲେ, ଆପଣଙ୍କ ଦାନ ଏବେ ଆପଣ ଗ୍ରହଣ କରନ୍ତୁ ଜ୍ୟେଷ୍ଠଭ୍ରାତ । ଏହାକୁ ସିଂହାସନ ଉପରେ ପ୍ରତିଷ୍ଠା କରି ଚଉଦବର୍ଷ କାଳ ମୁଁ ମଧ୍ୟ ବନବାସୀର ଜୀବନ ବିତାଇଛି । ପ୍ରଭୁ ମୋର ଆଉ ନିଜକୁ ସମ୍ଭାଳି ପାରିଲେନି ସୁଧାମୟୀ । ଭୋ ଭୋ ହୋଇ କାନ୍ଦିପକାଇ ଭରତକୁ ଛାତିକୁ ଆଉଜାଇ ନେଇ ସେ କହିଥିଲେ, ଧନ୍ୟ ଧନ୍ୟ ତୁ ଭାଇ ଭରତ । ରାମ ବନବାସୀ ହୋଇ ଯାଇଥିଲା ବୋଲି ତୁ ବି ବନବାସୀର ଜୀବନଯାପନ କଲୁ । ରାଜ ସିଂହାସନରେ ନବସି ଭାଇର ପାଦର ପାଣ୍ଡୋଇକୁ ତୁ ସିଂହାସନରେ ବସାଇ ରାଜ୍ୟଭାର ସମ୍ଭାଳିଲୁ । ତୋ ଭ୍ରାତୃ ଭକ୍ତି, ଭ୍ରାତୃ ପ୍ରୀତିର ତୁଳନା ନାହିଁରେ ଭରତ । ଆମେ ଦିନେ ଏ ଦୁନିଆ ଛାଡ଼ି ଚାଲିଯିବା, ହେଲେ ଯେତେଦିନ ପର୍ଯ୍ୟନ୍ତ ଚନ୍ଦ୍ର ସୂର୍ଯ୍ୟ ଏ ଧରାକୁ ମଣ୍ଡନ କରୁଥିବେ ସେତେଦିନ ପର୍ଯ୍ୟନ୍ତ ତୋର ଭ୍ରାତୃପ୍ରେମ ଜନସମାଜ ଆଗରେ ଦୃଷ୍ଟାନ୍ତ ହୋଇ ରହିଥିବ ।

ଆମକୁ ଧୀରେଧୀରେ ରାଜଦାଣ୍ଡରେ ପଥ କଢ଼ାଇ ନେଉଥା'ନ୍ତି ଭରତ । ରାଜମାର୍ଗର ପୁଷ୍ପଶଯ୍ୟା ଉପରେ, ପାଦ ଥାପିଥାପି ଆମେ ଚାଲିଥାଉ । ପୁଷ୍ପଚନ୍ଦନ ଅଜାଡ଼ି ହୋଇ ପଡୁଥାଏ କୁଢ଼କୁଢ଼ ହୋଇ । ଅଯୋଧ୍ୟାବାସୀଙ୍କ ଆନନ୍ଦ କହିଲେ ନସରେ । ତାଙ୍କ ପ୍ରିୟ ରାମସୀତାଙ୍କୁ ସେମାନେ ବନ୍ଦାପନା କରୁଥାନ୍ତି ପୁଷ୍ପ ଅର୍ଘ୍ୟ ଦେଇ। ମାଳମାଳ ଦୀପ ପ୍ରଜ୍ଜ୍ୱଳିତ ହୋଇ ରାମସୀତାଙ୍କ ଆଗମନକୁ ସ୍ୱାଗତ କରୁଥାନ୍ତି । ମୁଁ ଅଭିଭୂତ ହୋଇ ପଡୁଥାଏ ସେ ଦୃଶ୍ୟ ଦେଖି । ମୋର ମନେ ପଡ଼ି ଯାଉଥାଏ ପନ୍ଦରବର୍ଷ ତଳର କଥା । ଯେଉଁଦିନ ମୁଁ ମୋ ପ୍ରଭୁଙ୍କ ହସ୍ତଧରି ପ୍ରଥମେ ଅଯୋଧ୍ୟାରେ ପାଦ ଦେଇଥିଲି, ସେଦିନ ମଧ୍ୟ ଅଯୋଧ୍ୟାରେ ଏହିଭଳି ଉତ୍ସବ ଲାଗି ରହିଥିଲା । ଅଯୋଧ୍ୟାରେ ନାରୀମାନେ ଏମିତି ଆନନ୍ଦରେ ଫାଟି ପଡୁଥିଲେ, ହେଲେ ସେ ଆନନ୍ଦ ମାତ୍ର କେତୋଟି ମାସ ପରେ ଫିକା ପଡ଼ିଯାଇଥିଲା, ଆମ ବନ ବାହୁଡ଼ାରେ । ଆଜି ପୁଣି ସେହିଭଳି ଉତ୍ସବ । ମୋ ମନରେ ଶଙ୍କା ଉଙ୍କିମାରୁ ଥାଏ । ଏ ଆନନ୍ଦ ପୁଣି କିଛିଦିନ ପରେ ନିରାନନ୍ଦର ରୂପ ନେବ ନାହିଁ ତ ? ଏମିତି ଆନନ୍ଦ ଉତ୍ସବ ମଧ୍ୟରେ ଆମେ ଆସି ରାଜବାଟୀରେ ପାଦ ଦେଇଥିଲୁ । ଏତେ ଆନନ୍ଦ ଭିତରେ ବି କ୍ରନ୍ଦନର ରୋଳ । ମୋ ତିନିଶାଶୁ ରାମ, ରାମ, ସୀତା ସୀତା କହି ଆସି ଆମକୁ କୋଳେଇ ପକାଇଥିଲେ । ଆମକୁ ଦେଖି ସବୁଠୁଁ ବେଶି କାନ୍ଦୁଥାନ୍ତି ମାତା କୈକେୟୀ । ମୋ ସ୍ୱାମୀଙ୍କ ଛାତିରେ ଲୋଟିଯାଇ ସେ କହୁଥାନ୍ତି, "ରାମରେ ମୋରି ପାଇଁ ତୋର ଏ ଦଶା । ମୁଁ ଅଲକ୍ଷଣୀ ମନ୍ଥରା ବୁଦ୍ଧିରେ ପଡ଼ି ତୋତେ ବନକୁ ପଠାଇଦେଇଥିଲି । ତୋର ବନବାସ ଦୁଃଖକୁ ସହି ନପାରି ତୋ ପିତା ପ୍ରାଣତ୍ୟାଗ କଲେ । ସେହିଦିନୁ ଅଯୋଧ୍ୟାରେ ଛାଇ ରହିଛି ଦୁଃଖର କାଳରାତ୍ରି । ତୁ ମୋତେ ଅଭିଶାପ ଦେ ରେ ପୁଅ । ମୋ ଭଳି ପାତକିନୀ, କଳଙ୍କିନୀ ମାଆକୁ ତୁ ଅଭିଶାପ ଦେ ।" ମାତା କୈକେୟୀଙ୍କ ପାଦତଳେ ଲୋଟିଯାଇ ପ୍ରଭୁ ମୋର କହିଥିଲେ, ତୁମେ କାହିଁକି ନିଜକୁ ଅପରାଧିନୀ ମଣୁଛ ମାଆ । ଯାହା ସବୁ ଅଯୋଧ୍ୟାରେ ଘଟିଯାଇଛି ତାହା ଥିଲା ନିୟତିର ନିର୍ଦ୍ଦେଶ । ତୁମେ କିଛି କରିନାହଁ ମାଆ । ଯାହା ଅଯୋଧ୍ୟାରେ ହବାର ଥିଲା ତାହା ହୋଇଯାଇଛି । ତୁମେ ମୋର ମାଆ ମୋ ଆଦରର ମାଆ । ତୁମଭଳି ରାମକୁ ଏତେ ସ୍ନେହ ଆଉ କିଏ କରିଛି ମାଆ । ଶୋକ ପରିହାର କର ମା । ତୁମ ରାମ ଆଜି ତୁମ କୋଳକୁ ଫେରିଆସିଛି । ମୋ ପ୍ରଭୁଙ୍କ ସହିତ ମିଶି ମୁଁ ମୋର ତିନି ମାତାଙ୍କୁ ପ୍ରଣାମ କରନ୍ତେ, ସେମାନେ ମୋତେ ମୋ ସ୍ୱାମୀଙ୍କୁ କୋଳେଇ ଅନେକ ଅଶ୍ରୁବର୍ଷଣ କରିଥିଲେ । ଏହାଥିଲା ଆନନ୍ଦ ସାଗରରେ ଅତ୍ୟନ୍ତ ଆନନ୍ଦର ଜୁଆର । ଚଉଦବର୍ଷ ପରେ ମାଆମାନେ ତାଙ୍କର ପୁତ୍ର ପୁତ୍ରବଧୂଙ୍କୁ ଫେରି ପାଇଛନ୍ତି । ଏହାଠାରୁ ଆନନ୍ଦ ଆଉ କ'ଣ ଥାଇପାରେ ?

ମୋର ତିନିଭଉଣୀ ହସ୍ତରେ ବନ୍ଦାପନା ଥାଳି ଧରି ଆମକୁ ବନ୍ଦାପନା କରି ପ୍ରଣାମ କରିଥିଲେ । ଅଯୋଧ୍ୟାନଗ୍ରରେ ଖେଳି ଯାଇଥିଲା ଅମରାବତୀର ଅମୀୟଧାରା । ଅଯୋଧ୍ୟାର ପ୍ରଜାକୁଳ, ରାଜନ୍ୟବର୍ଗ, ରାଜକର୍ମଚାରୀ, ଅଯୋଧ୍ୟାନଗରରେ ବାସ କରୁଥିବା ମୁନି, ଋଷି, ବିଦ୍ୱାନ୍, ପଣ୍ଡିତ ମଣ୍ଡଳୀ ସମସ୍ତେ ଆଜି ଏକତ୍ରିତ ହୋଇଛନ୍ତି ରାମ ସୀତାଙ୍କୁ ସ୍ୱାଗତ କରିବାକୁ । ସମସ୍ତଙ୍କ କଣ୍ଠରେ ରାମସୀତାଙ୍କର ଜୟଧ୍ୱନି ।

ଭରତଙ୍କ ଠାରୁ ଆମନ୍ତ୍ରଣ ପାଇଁ ଋଷିଶ୍ରେଷ୍ଠ ବିଶ୍ୱାମିତ୍ର ଆସି ଅଯୋଧ୍ୟାରେ ପହଞ୍ଚି ଯାଇଥିଲେ । ତାଙ୍କୁ ଦର୍ଶନ କରି ଆମେ ତାଙ୍କ ପାଦ ଛୁଇଁ ପ୍ରଣାମ କରନ୍ତେ, ସେ ଆମକୁ ପାଦତଳୁ ଉଠାଇ ନେଇ କହିଥିଲେ, ଆଜି ମୋର ଜୀବନ ଧନ୍ୟ ହୋଇଗଲା ଅଯୋଧ୍ୟାବାସୀ । ରାମ ପରି ଶିଷ୍ୟଟିଏ ପାଇ ମୁଁ ଗର୍ବିତ । କ'ଣ ନକରିଛି ସେ । ଆମ ମୁନିଋଷିଙ୍କ ପାଇଁ ଅରଣ୍ୟକୁ ଅସୁର ଶୂନ୍ୟ କରିଛି । ରାଜ୍ୟାଭିଷେକ ଦିବସରେ ପିତୃସତ୍ୟ ପାଳି ରାଜସିଂହାସନକୁ ତୁଚ୍ଛ କରି ଚଉଦବର୍ଷ ବନବାସୀ ହୋଇଛି । ସେମିତି ମଧ୍ୟ ତା'ର ଉପଯୁକ୍ତ ପତ୍ନୀ ସୀତା । ବନବାସର ଦୁଃଖକୁ ସୁଖମଣି ସ୍ୱାମୀର ହସ୍ତଧରି ବନକୁ ଯାଇ ଯେଉଁ ଅସହ୍ୟ ଦୁଃଖ ଯନ୍ତ୍ରଣା ସେ ପାଇଛି ତାହା ବଚନରେ ପ୍ରକାଶ କରିହେବ ନାହିଁ । ଧନ୍ୟ ତୁମେ ରାମସୀତା । ଆଜିଠୁଁ ତୁମେ ରାମ ସୀତା ନୁହେଁ ସୀତାରାମ ରୂପରେ, ସୀତାରାମ ନାମରେ ଏ ଜଗତରେ ପରିଚିତ ହେବ । ଆଜି ତୁମେ ଅଛ କାଲିକୁ ନଥିବ । ହେଲେ ତୁମର କୀର୍ତ୍ତି, ତୁମ ତ୍ୟାଗ, ତୁମର ପିତୃଭକ୍ତି, ଭ୍ରାତୃପ୍ରେମ ଯୁଗଯୁଗ ପାଇଁ ଅମର ହୋଇ ରହିବ । ହେ ଅଯୋଧ୍ୟବାସୀ ତୁମ ରାମ ଚଉଦବର୍ଷ ବନବାସର ଦୁଃଖ ସହି ଆଜି ଅଯୋଧ୍ୟା ଫେରିଛନ୍ତି । ଭରତ ରାଜକାର୍ଯ୍ୟରୁ ବିରତି ନେଇ, ରାମକୁ ତାହା ଅର୍ପଣ କରି ସାରିଲେଣି । ଏବେ ତୁମେ ଖୁବ୍ ଶୀଘ୍ର ରାମର ରାଜ୍ୟାଭିଷେକର ଆୟୋଜନ କର । ଋଷିଶ୍ରେଷ୍ଠଙ୍କ ତୁଣ୍ଡରୁ ବଚନ ନସରୁଣୁ ଅଯୋଧ୍ୟାବାସୀ ପାଟି କରି ଉଠିଥିଲେ, ଯେତେ ଚଞ୍ଚଳ ପାରୁଛନ୍ତି ଆପଣ ରାଜ୍ୟାଭିଷେକର ଦିନ ନିର୍ଣ୍ଣୟ କରନ୍ତୁ ମହାମୁନି ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ତୀର୍ଯ୍ୟକ : ଦିବ୍ୟାଙ୍ଗ ଭତ୍ତା, ଭିତିରି କଥା

## ସୁବ୍ରତ ପଟ୍ଟନାୟକ



ସାମାଜିକ ସୁରକ୍ଷା ଭତ୍ତା ପରିମାଣ ବଢ଼ିଲା ୩ ହଜାର ୫ଶହ ଟଙ୍କା । ଏହି ଯୋଜନାରେ ୮୦ ବର୍ଷ ବୟସ୍କ ଓ ତଦୂର୍ଦ୍ଧ୍ୱ ନାଗରିକ ହେବେ ଉପକୃତ । ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗତା ମେଡିକାଲ ସାର୍ଟିଫିକେଟ୍ ହାସଲ କରିଥିବା ଭିନ୍ନକ୍ଷମ ବି ତାହା ପାଇବେ । ୨୦୨୫ ଜାନୁଆରୀ ୧୫ ତାରିଖରୁ ମିଳିଲା ବର୍ଦ୍ଧିତ ଭତ୍ତା । ଘୋଷଣା କରାଗଲା ଏହାଦ୍ୱାରା ୪ ଲକ୍ଷ ୧୫ ହଜାର ହିତାଧିକାରୀ ହେବେ ଲାଭବାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆମର ଅଶେଷ ଧନ୍ୟବାଦ । ଦିବ୍ୟାଙ୍ଗ ବ୍ୟକ୍ତିଗଣ ସତକୁ ସତ ଉପକୃତ ହେଲେ, ଡବଲ୍ ଇଞ୍ଜିନ୍ ସରକାର ଉପରେ ଅଜାଡ଼ି ହେବ ଅବାରିତ ଆଶୀର୍ବାଦ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଓଡ଼ିଶାରେ ପୂର୍ବରୁ ଥିବା ବିଜେଡି ସରକାର କରିଥିଲେ ଦିବ୍ୟାଙ୍ଗ ଭତ୍ତାର ଶୁଭାରମ୍ଭ । ମାସିକ ୩ହଜାର ଟଙ୍କାରୁ ଆରମ୍ଭ ହୋଇ ୫ ଶହ, ୭ ଶହ ଓ ୧୨ ଶହ ଟଙ୍କା ବଢ଼ିଲା । ପାଞ୍ଚଥର ନିରବଚ୍ଛିନ୍ନ ମୁଖ୍ୟମନ୍ତ୍ରୀ ଗାଦିରେ ବସିଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ସରକାର ଭୁଶୁଡ଼ିଲା । ନିରଙ୍କୁଶ ବିଜୟ ହାସଲ କରିଥିବା ବିଜେଡି ବିଧାନସଭାରେ ୫୧ଟି ଓ ଲୋକସଭାରେ ଶୂନ୍ ଆସନ ପାଇଲା । ଅପରପକ୍ଷରେ ବଜେପି ଦଳ ଲୋକସଭାରେ ୨୦ଟି ଓ ରାଜ୍ୟ ବିଧାନସଭାରେ ୭୮ଟି ଆସନ ଦଖଲ କରି ନୂଆ ସରକାର ଗଢ଼ିଲା । ଦିବ୍ୟାଙ୍ଗଙ୍କ ଭତ୍ତା ବଢ଼ାଇବା ପାଇଁ ଅଣ୍ଟା ଭିଡ଼ିଲା । ବିଜେଡି ଓ ବିଜେପି ଦୁହେଁ ଦିବ୍ୟାଙ୍ଗଙ୍କ ହିତ ପାଇଁ ମହତ ଉଦ୍ୟମ କରିଥିବାରୁ ଆମେ ଉଭୟଙ୍କୁ କୃତଜ୍ଞତା ଜଣାଉଛୁ ।

ନୂଆ ବିଜେପି ସରକାର ଦିବ୍ୟାଙ୍ଗ ଭତ୍ତା ପ୍ରାୟ ତିନିଗୁଣ ବଢ଼ାଇବା କିଛି କମ୍ କଥା ନୁହେଁ । ପୂର୍ବ ବିଜେଡି ସରକାର ୧୨ ଶହ ଟଙ୍କା ପର୍ଯ୍ୟନ୍ତ ଭତ୍ତା ବଢ଼ାଇବାକୁ ଦଶ ବାର ବର୍ଷ ଗଡ଼ାଇ ଦେଇଥିଲେ । ପରିଣାମ ଗତ ନିର୍ବାଚନ ଫଳାଫଳରୁ ମିଳିଲା । ଏବେ ବିଜେପି ସରକାର ଭତ୍ତା ଟଙ୍କା ବଢ଼ାଇ ଦିବ୍ୟାଙ୍ଗଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରୁଛନ୍ତି । ଯେତିକି ଟଙ୍କା ବଢ଼ା ଯାଇଛି, ସେତିକିରେ ଦିବ୍ୟାଙ୍ଗଙ୍କ ପରିବାର ସୁରୁଖୁରୁରେ ଗୁଜୁରାଣ ମେଂଟାଇ ନ ପାରିଲେ ବି କିଛି ପରିମାଣରେ ଦୁଃଖ ଲାଘବ ହେବ । ଅନ୍ତତଃ ପକ୍ଷେ ଔଷଧ ପତ୍ର ଖର୍ଚ୍ଚ କିଛିଟା ତୁଲାଇ ପାରିବେ। ମାତ୍ର ବର୍ଦ୍ଧିତ ଭତ୍ତା ପାଇବା ପାଇଁ ସରକାର ଯେଉଁ ଦୁଇଟି ସର୍ତ୍ତାବଳୀ ଲାଗୁ କରିଛନ୍ତି, ତାହା ଶୁଣି ଦିବ୍ୟାଙ୍ଗଗଣ ହତବାକ୍ । ପ୍ରଥମରେ- କେବଳ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗତା ମେଡିକାଲ ସାର୍ଟିଫିକେଟ୍ ହାସଲ କରିଥିବା ବ୍ୟକ୍ତି ବର୍ଦ୍ଧିତ ଭତ୍ତା ପାଇବେ । ଦ୍ୱିତୀୟରେ- ୮୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଦିଆଯିବ। ମାତ୍ର, ବର୍ଦ୍ଧିତ ଭତ୍ତା ପାଇବାରୁ କେତେ ଲକ୍ଷ ଦିବ୍ୟାଙ୍ଗ ବାଦ ପଡ଼ିବେ ବା ୱେଟିଂ ଲିଷ୍ଟରେ ରହିବେ, ତାହା ଗୁପ୍ତ ରଖାଗଲା । ୮୦ ବର୍ଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅଗଣିତ ଦିବ୍ୟାଙ୍ଗଙ୍କୁ ଚକ୍‌ମା ଦେଖାଗଲା । ବର୍ଦ୍ଧିତ ଭତ୍ତା ପାଇବାକୁ ସେମାନେ ସେତିକି ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିବେ କି ନା, ତାହା ସମୟ କହିବ। ସତକଥାଟି ହେଲା, ବର୍ଦ୍ଧିତ ଭତ୍ତା ପାଇବାର ବାଟକୁ ସହଜ ଓ ସରଳ କରାଗଲା ନାହିଁ ।

ବାସ୍ତବ ପରିସ୍ଥିତି ଅନୁଧ୍ୟାନ କରିବାକୁ ଆମେ ଚେଷ୍ଟା କରିଥିଲୁ । କେବେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରିଲୁ । ସେମାନେ କହିଲେ- ଆମେ କେତେ ବର୍ଷ ପୂର୍ବରୁ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ପାଇଥିଲୁ । ସିଡିଏମ୍‌ଓ ବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଆମକୁ ୬୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଦର୍ଶାଇ ସାର୍ଟିଫିକେଟ ଦେଇଛନ୍ତି। ଇତିମଧ୍ୟରେ ଆମ ବୟସ ବଢ଼ିଛି ଓ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ବିଗିଡ଼ିଛି। ଏବେ ସାନି ସାର୍ଟିଫିକେଟ ପାଇଁ ଆବେଦନ କଲେ, ତାହା ଗ୍ରହଣ ନ ହୋଇ ଫେରସ୍ତ ଆସୁଛି । ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ପାଇବା ଏବେ କାଠିକର ପାଠ । ଆମେ ଭଲ ଭାବେ ଜାଣୁ, ସରକାରଙ୍କ ନିକଟରେ ଦିବ୍ୟାଙ୍ଗ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ତାଲିକା ରହିଛି । ସେଥିରେ ହିତାଧିକାରୀଙ୍କ ପରିଚୟ, ଠିକଣା, ମୋବାଇଲ ନମ୍ବର ଆଦି ମିଳି ପାରିବ । ପ୍ରଶାସନିକ କଳ ସାମାନ୍ୟ ଆଗ୍ରହ ପ୍ରକାଶ କଲେ, ସ୍ଥାନୀୟ ଡାକ୍ତରଙ୍କୁ ପଠାଇ ସାନି ରିପୋର୍ଟ ପ୍ରସ୍ତୁତ କରି ପାରିବେ । ସେହି ଅନୁଯାୟୀ ଦରକାରୀ ସାର୍ଟିଫିକେଟ ଅନ୍‌ଲାଇନ୍‌ରେ ଅପ୍‌ଲୋଡ କରାଯାଇ ପାରିବ କିମ୍ବା ଡାକ ଯୋଗେ ପଠା ଯାଇପାରିବ । ଦିବ୍ୟାଙ୍ଗ ବ୍ୟକ୍ତିଗଣ ଥରକୁ ଥର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଧାଇଁବା କଣ ସମ୍ଭବ ? ଅତୀତରେ ସରକାର ଯେଉଁମାନଙ୍କୁ ସାମାଜିକ ସୁରକ୍ଷାରେ ୪ ଚକିଆ ବ୍ୟାଟେରୀ ଚାଳିତ ସାଇକେଲ ଯୋଗାଇଥିଲେ, ପରେ ବ୍ୟାଟେରୀ, ଚାର୍ଜର, ଟାୟାର ଇତ୍ୟାଦି ଅଚଳ ହେଲାପରେ, ତାହା ପୁନର୍ବାର ଯୋଗାଗଲା ନାହିଁ। ନିଜ ପକେଟରୁ ପଇସା ଖର୍ଚ୍ଚ କରି କିଣିବାକୁ ଚାହିଁଲେବି ସରଞ୍ଜାମ ଗୁଡ଼ିକ ଖୋଲା ବଜାରରେ ଦେଖିବାକୁ ମିଳିଲା ନାହିଁ । ସରପଞ୍ଚଙ୍କଠୁ ଆରମ୍ଭ କରି ବିଧାୟକ ପର୍ଯ୍ୟନ୍ତ ସମସ୍ତେ ନିଜର ଅସହାୟତା ଗ୍ରହଣ କଲେ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି କେନ୍ଦୁଝର ଜିଲ୍ଲାର ବରପୁତ୍ର ମୋହନ ଚରଣ ମାଝୀ । ସାମାଜିକ ସୁରକ୍ଷା ବିଭାଗରେ ନିତ୍ୟାନନ୍ଦ ଗଣ୍ଡ ଓ ସ୍ୱାସ୍ଥ୍ୟ ବିଭାଗରେ ମୁକେଶ ମହାଲିଙ୍ଗ ମନ୍ତ୍ରୀ ପଦରେ ଅଛନ୍ତି। ସେମାନଙ୍କ ଅବଗତି ନିମନ୍ତେ ଆମେ ଦୁଇଜଣ ଦିବ୍ୟାଙ୍ଗଙ୍କ ସୂଚନା ଦେଉଚେ । କେନ୍ଦୁଝର ଜିଲ୍ଲା ଓରାଳି ଗ୍ରାମର ଜଣେ ଦିବ୍ୟାଙ୍ଗଙ୍କ ନାମ ବାମନ ଚରଣ ଯେନା । ତାଙ୍କ ଦିବ୍ୟାଙ୍ଗ ମେଡିକାଲ ସାର୍ଟିଫିକେଟ ନମ୍ବର ଓଡି ୦୬୧୦୬୧୯୫୩୦୦୦୨୭୫୮ । ମୋବାଇଲ ନମ୍ବର- ୯୬୬୮୯୯୯୫୩୨ । ଅନ୍ୟ ଜଣେ - ପ୍ରାଣକୃଷ୍ଣ ଭୋଇ । ମେଡିକାଲ ସାର୍ଟିଫିକେଟ ନମ୍ବର- ଓଡି ୦୬୧୦୬୧୯୬୨୦୧୦୭୦୯୮ । ମୋବାଇଲ ନମ୍ବର- ୭୨୦୫୦୭୨୭୯୯ । ଦୁହେଁ ବରିଷ୍ଠ ନାଗରିକ, ହରିଜନ, ପଛୁଆବର୍ଗର । ଗରିବ ଓ ନିରକ୍ଷର । ବିଛଣାରେ ପଡ଼ି ଛଟପଟ ହେଉଛନ୍ତି । ସେମାନେ ମୁଖ୍ୟମନ୍ତ୍ରୀଙ୍କ ମଣ୍ଡୁଆ ସ୍ଥିତ ବାସଭବନ ଅଭିଯୋଗ ପ୍ରକୋଷ୍ଠରେ ଦୁଇମାସ ପୂର୍ବେ ନାମ ପଞ୍ଜିକରଣ କରି ଗୁହାରି ଜଣାଇଥିଲେ । ସେମାନଙ୍କର ଦୁଃଖ ଦୂର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି କି ନା ଆମକୁ ଜଣାନାହିଁ । ଆମେ ମୁଖ୍ୟମନ୍ତ୍ରୀଙ୍କ ମତାମତ ଜାଣିବାକୁ ଚେଷ୍ଟା କରି ବିଫଳ ହୋଇଛୁ । ଆମ ଗାଁର ଏହି ଦୁଇ ଦିବ୍ୟାଙ୍ଗଙ୍କ ଆୟୁଷ ସରି ସରି ଆସୁଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଯଦି ଅବସ୍ଥା ଏୟା, ଅନ୍ୟ ଜିଲ୍ଲା କଥା ନ କହିବା ଭଲ । ହଉ, ଆଜି ଏତିକି । ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

କବିତା...



## ହଜିଯାଇଛି ମୋ ଗାଁ

### ଡକ୍ଟର କମଳାକକୃଷ୍ଣ ତ୍ରିପାଠୀ

କୋଉଠି ଗୋଟାଏ ହଜିଯାଇଛି
ମୋ ଗାଁ ।

ଉଭାନ୍ ହେଇଯାଇଛି ସେ ପୁରୁଣା କୁଡିଆ
ତା ଭିତରେ ଦୀର୍ଘଶ୍ୱାସ ନେଉଛନ୍ତି
ବୟସ୍କ ଓ ଚମ ଧୂଡୁଧୂଡୁ ଇତିହାସ।

କିଛି ମାଇଲି କୁକୁରର ବଡପଣ
ଏବେ ମୁଖର କରିଛି ଗାଆଁକୁ।
କିଛି ଭଙ୍ଗା ଶଗଡ଼
ଦାନ୍ତ କାମୁଡି ମନେ ପକାଉଛନ୍ତି
ଗତଦିନର ସ୍ମୃତିକୁ।

ସେଇ ପାହାଡ଼ ଯିଏ ଦିନେ
ମୁଣ୍ଡେଇଥିଲା ମେଘକୁ
ସେ ଏବେ ମାଖୁନା ରୂପରେ ଠିଆହୋଇ
ଅପେକ୍ଷା କରିଛି ଗାଇଆଳ ସମେତ
ହଡା ବଳଦ ମିଇଁମିଇଁ ଛେଳି ଏବଂ
ଅଧାଗଢ଼ା ମଣିଷଙ୍କୁ।

ଆକାଶ ଆଡ଼କୁ ହାତଟେକି
ଠିଆ ହେଇଥିବା ବରଗଛ ତଳେ
ଚାହା ହୋଟେଲ
ଗରାଖ ପାଟିରୁ ସିଗାରେଟ ଧୂଆଁ
ଧୂଆଁରେ ନିଶାସକ୍ତ ଧୂମକୁଣ୍ଡଳୀ
ଧୂମ୍ରାଭ ପରିଧି ତଳେ
ଅମଡ଼ାବାଟ ଫାଙ୍କରେ
ପ୍ରଶସ୍ତ ରାଜରାସ୍ତା ଖୋଜୁଛି
ଆସନ୍ତା ସକାଳ ।

ନିର୍ନିମେଷ ନୟନରେ
ଅନେଇ ରହିଛି ଗାଁ।
ନିଜର ଆୟୁଷ ନେଇ
ବହିଯାଉଛି ଲୁହ,
ଦଉଡିଆ ଖଟ ଉପରେ ଲେହୁଣିଆ ପାରି
ଖଣ୍ଡିକାଶ ଶ୍ୱାସରେ ଜୀଇଁଛି ଗୋଟେ ନାଁ !
ସେ ମୋ ଗାଁ !

♥ ସର୍ଜନାଳୟ, ଲିଙ୍କ୍ ରୋଡ଼, ୨ୟ ଗଳି,
ଜୟପୁର (କୋରାପୁଟ), ୭୬୪୦୦୧
ମୋ: ୯୯୩୭୦୧୪୮୬୩



## ରବିବାର

### ଜ୍ଞାନେନ୍ଦ୍ର କୁମାର ପଣ୍ଡା

ଆଜି ପରା ରବିବାର କେମିତି କାଟୁଛ ?
ତମର ପ୍ରଶ୍ନ ।

ଦୁଇଦିନ ତଳୁ ଖାଇବା ଛାଡ଼ିଦେଲାଣି ସେପଟ
ରାସ୍ତା କଡ଼ରେ
ଦୁର୍ଘଟଣାରେ ଗୋଡ଼ଭାଙ୍ଗି ପଡ଼ିଥିବା କୁକୁରଟି ।
ହୁଏତ, ସେ ଖାଦ୍ୟ ନୁହେଁ ଏବେ ଅନ୍ୟ କିଛିର
ଅପେକ୍ଷାରେ ଅଛି ।

ଯେଉଁ କାଶତଣ୍ଡି ଫୁଲ କେତୋଟି
ଆସ୍ପର୍ଦ୍ଧା ଧରି ଏ ଯାଏଁ ଗଛରେ
ଲଟକିରହିଥିଲେ, ଏଥର
ନିଆଁ ଚରିଗଲାଣି ସେମାନଙ୍କ ଦେହରେ ।

ଖରା ଠାରୁ ବି ତୀବ୍ରଗତିରେ
ସାମ୍ନା ଘର ଅଗଣାରେ ଶୁଖିଚାଲିଛି ଗଛ ଗଣ୍ଡି ।
କଂକ୍ରିଟ ଭିତରେ
ଅସହ୍ୟ ଯନ୍ତ୍ରଣା ଭୋଗୁଥିବା ରଡ୍ ଟିଏ
ଛାତରୁ ବାହାରକୁ ଓହଳିପଡ଼ି କଳଙ୍କି
ଧରିବାକୁ ବସିଲାଣି,
କେମିତି ହେବାକୁ ଥିଲା ଜୀବନ ତେବେ ?
ଥାଇ ନ'ଥିଲା ଭଳି ମୂଲ୍ୟହୀନ, ନା
ନ'ଥାଇ
ଥିଲା ଭଳି ଅଦରକାରୀ ?

କେଡ଼େ ବ୍ୟର୍ଥ କହିଲ, ଜୀବନ ଅବଧି ଠାରୁ
ଅସ୍ୱାଭାବିକ
ହୋଇ ଅଧିକ ଲମ୍ବିଯିବା ?

କେତେ ଗଭୀର କଥା ନୁହେଁ,
'ବାବୁମୋସାଏ ! ଜିନ୍ଦେଗୀ
ବଡ଼ି ହୋନି ଚାହିୟେ ଲମ୍ବି ନେହିଁ' ।

ସକାଳରୁ ଝର୍କା କଡ଼ରେ ଅପରାହ୍ନ ପୁଣି
ରାତିରୁ ସକାଳ, ଯେମିତି
ମୁଁ ଚାଲୁଛି, ଗୋଟିଏ କ୍ଷୁଦ୍ର ଜୀବନରେ
ଦୀର୍ଘତମ ଆୟୁଷକୁ
ଗୋଟିଏ ପ୍ରକୋଷ୍ଠ ଭିତରେ ଥାଇ ଏ
କୋଣରୁ ସେ କୋଣ ।

କହିଲ, ମୁଁ କେମିତି କହିବି
ସେଇ ଗୋଟିଏ ଦିନକୁ ଏମିତି ବାରମ୍ବାର
କାଟିବାର ନାମ
ରବିବାର ହୋଇ ନ'ପାରେ ବୋଲି ।

♥ ସୁନ୍ଦରୀ, ସୁନହଟ, ବାଲେଶ୍ୱର



## କୃଷ୍ଣ ପକ୍ଷ

### ସୁଶ୍ରୀ ପ୍ରୀତିଲତା ପଣ୍ଡା

ମୁଁ କୃଷ୍ଣପକ୍ଷର କଇଁଫୁଲ
ତୁମକୁ ବୁଝାଇବାକୁ ଲୋଡା ଯେ
କାହିଁକି ଖୋଲିଛି ମନର ଦୁଆର
ମୁଁ ତ କୁଆଁରୀ ଥାଏ
ଉଡି ଗଲେଣି କେତେ ଭଅଁର।
ମୁଁ ମଝିରାତି ର ଅଭିସାର
ସକାଳ ର ନଇତୁଠ
ମୁଁ ପଥର ଶୋଷ, ଅପଥର ଶୋଷ
ମୋର ତୁମକୁ ବୁଝାଇବା କୁ ଲୋଡା ଯେ

କିଏ ମୋର ପ୍ରିୟ ପ୍ରିୟତମ।
ଶୋଷ କି ପିଉଷ, କାହାର ପାପ ନଥାଏ
ତମ ପ୍ରାୟୋଜିତ ଅପବାଦର
ନାଆଁ ବୋଧେ ଚରିତ୍ର
ଫୁଲକୁ ଛିଡଉଥିବା
ହାତର ନାଆଁ ବୋଧେ ପୁରୁଷ
ପାନୀୟ ସରିଗଲେ ଜିଁ'ଥାଏ ଅଇଁଠା ପାତ୍ର।

ତମେ କେମିତି ବୁଝନି ଯେ
ହଜାରେ ଭଅଁର ର ଚୁମ୍ବନ ପରେ ବି
ଫୁଲ ଯାଏ ମନ୍ଦିର
ଶୋଷ ମାନଙ୍କୁ କୋଳେଇ ନେଉଥିବା ନଈ
ଛୁଇଁ ଥାଏ ସମୁଦ୍ର
କେବେ ବାସି ହୁଏନି, କେଉଁ ରାତି କି ସକାଳ।

ତମ ଅଙ୍କ ବହି ତମେ ରଖିଥାଅ,
ରଖିଥାଅ ସତୀ ଅସତୀର ତୀର
ମୁଁ ଦେବକୀର ସପ୍ତମ ଗର୍ଭ
ପ୍ରତିଥର ଫୁଁ' କରିଦିଏ ଦର୍ପଣ ଶିଳା
ତୁମର ଯେତେ ଯାହା ଷଡ଼ଯନ୍ତ୍ର।

♥ ଆଗରପଡା, ଭଦ୍ରକ



## ଲୁହ ନଦୀ ନାରୀ

### ବୃନ୍ଦାବନ ଦାସ

ଆଖି ଆଢୁଆଳରେ
କେଉଁଠୁ ଝଙ୍କୃତ ହେଉଥାଏ
ଛମ ଛମ ନୂପୁରର କ୍ଷୀଣ ଧ୍ୱନି
କେହିଜଣେ ଆସୁଥାଏ ବଡ ସନ୍ତର୍ପଣରେ
ବିବଶ ବିବଶ
ଅବସାଦର କୋମଳ ଛାଇ
ଛୁଁଥାଏ ମନ ।

ଅବସାଦର ଭିନ୍ନ ନାଁ ବୋଧେ ନାରୀ ।

ଲୁହକୁ ବେଶି ନିଜର କରିପାରେ ବୋଲି
ଲୁହପରି ନାରୀ ବେଶ୍ ଏକା ଏକା
ତଥାପି ତା' ଓଠରେ
କେଉଁଠି ଲଟକିଥାଏ ଧାରେ ହସ
ଫୁଲ ପାଖୁଡା ପରି ନାରୀ
ଅଧିକ ଶତ୍ରୁରେ ବଞ୍ଚେ
ଚାରିପଟେ ତା'ର ଅସଂଖ୍ୟ ଲୁବ୍ଧକ ଆଖି
ଫୁଲ
ଅଧିକ ଦଂଶନ ସହେ
ଲୁହ
ହୃଦୟକୁ ଚିପୁଡି ଅଧିକ ଉପଶମ ଦିଏ ଓ

ଏକାକଥା
ଏକା ଭାଗ୍ୟ ଏକା ଆୟୁ
ମରୁଥାଏ ପୁଣି ଜୀଉଥାଏ
ଫୁଲ ଲୁହ ନାରୀ ଓ

ସବୁ ଗଢିବାରେ ଥାଏ ଯେଉଁ ସତ୍ତା
ପ୍ରଳୟ ଭିତରେ ଯେଉଁ ବିକ୍ଷୁବ୍ଧତା
ତଥାସ୍ତୁରେ ଦେବୀ
ବିନାଶରେ ନାରାୟଣୀ
କାମରେ ରମଣୀ
ସୌନ୍ଦର୍ଯ୍ୟରେ ମୋହିନୀ
ହେଲେ ତା' ଆଖି କୋଣର ଲୁହରେ
କଣ ଲେଖା ହୋଇଥାଏ
କେଉଁ କଥା ଚକ୍ ଚକ୍ କରୁଥାଏ ?

ତା' ବିଷାଦରେ କେଉଁ ଦୁଃଖ ଛପି ରହିଥାଏ ?

ଲୋଟି ପଡୁଥିବା ବିକ୍ଷୁବ୍ଧ ନଦୀକୁ ବୁଝିବା
ପୂର୍ବରୁ
ବୁଝ ତା'ର ଗତି ପଥ ବେଗ ଦିଗ
ଯୋଜନ ଯୋଜନ ପ୍ରଲମ୍ବିତ ଶୂନ୍ୟତା
ଭର୍ତ୍ତି ଭର୍ତ୍ତି ବ୍ୟାକୁଳତା
ତା' କୂଳରେ ଦଣ୍ଡାୟମାନ ଗଛବୃକ୍ଷ
ତା' ଛାତିରେ
ଏକାନ୍ତରେ ମୁହଁ ଲୁଚଉଥିବା ଜହ୍ନ
ସବୁତକ ତାରାଙ୍କ କୋଳାହଳ
ତା' ଦେହରେ
ପଇଁତାରା ମାରୁଥିବା ଆଦିମ ପବନ
ତା' ଡେଣାରେ ବସି
ଚକ୍କର କାଟୁଥିବା ସମୟକୁ ପଚାର
ସେ କହିବ ହିଁ କହିବ ।

ଲୁହ ନଦୀ ନାରୀ
କେଉଁଠିନା କେଉଁଠି
ମିଶି ଯାଆନ୍ତି ଗୋଟିଏ କଥାରେ
ଅବିନ୍ୟସ୍ତ କୁନ୍ତଳ ଛୁଇଁ ଝରି ପଡୁଥିବା ଲୁହ
ଏରୁଣ୍ଡିକୁ ଆଉଜି ଛିଡା ହୋଇଥିବା
କେଉଁ ନିର୍ମାଖୀ
ଗୁଣଗୁଣଇ ବହି ଯାଉଥିବା ନଈ
ସେଠି ଖୋଜା ପଡୁଥାଏ ଖାଲି
ଟିକେ ଆହ୍ଲାଦର ଫସିଲ୍
ପ୍ରେମ ପ୍ରେମର ଫସିଲ୍ ଓ

ପ୍ରେମ ବୋଲି କିଛି ଅଛିକି ?
ଥାଏ ଖାଲି ଏକ ଅବୁଝା ଅଭାବବୋଧ ଓ

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ
ଡେରାବିଶ କଲେଜ
ଡେରାବିଶ, କେନ୍ଦ୍ରାପଡ଼ା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

ସୃଜନ ଆଲାପ ସୃଜନ ଆଲାପ ସୃଜନ ଆଲାପ

# ଗୋଟେ ଭଲ ବା କାଳଜୟୀ କବିତା ଲେଖିବା ପାଇଁ ଜୀବନ ବ୍ୟାପୀ ସାଧନା ବି ଯଥେଷ୍ଟ ନୁହେଁ : ମନୋଜ କୁମାର ପଣ୍ଡା

**ମନୋଜ କୁମାର ପଣ୍ଡା** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ବୃତ୍ତି ଅଧ୍ୟାପନା ହେଲେହେଁ କବିତା ଲେଖାକୁ ନିଶା ଓ ପ୍ରବୃତ୍ତି ଭାବରେ ଗ୍ରହଣ କରିନେବାରେ ସେ କେବେ ଅବହେଳା କରି ନାହାଁନ୍ତି । ଯାହା ହୃଦୟକୁ ଛୁଏଁ, ନୂତନ ଭାବ ବିନ୍ଦୁକୁ ଦର୍ଶନ କରାଏ, ସ୍ଥିତାବସ୍ଥାରୁ ମୁକ୍ତକରେ, ଗତାନୁଗତିକ ସ୍ଥିର ଧାରଣାଗୁଡ଼ିକୁ ବଦଳାଇ ଦେବାର ସାମର୍ଥ୍ୟ ରଖେ ତାହା ହିଁ ଭଲ କବିତା ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ମୁଁ ଷଷ୍ଠ ଶ୍ରେଣୀରେ ପଢୁଥାଏ । ଜଣେ ଶିକ୍ଷକଙ୍କ ନିର୍ଦ୍ଦେଶରେ ପ୍ରଥମ କବିତାଟି ଲେଖିଥିଲି । କବିତାର ନାଆଁଥିଲା "ପାଠ ସବୁରି ମୂଳ" । ଏହା ଥିଲା ଏକ ଶିଶୁ କବିତା । ସେହି କବିତାଟି ମୀନାବଜାରରେ ପ୍ରକାଶିତ ହୋଇଥିଲା । ଛପା ଅକ୍ଷରରେ ନିଜ ନାମ ଓ କବିତା ଦେଖି ଉତ୍ସାହିତ ହୋଇ ଦୀର୍ଘ ବର୍ଷ ଧରି ଅସଂଖ୍ୟ ଶିଶୁ କବିତା ରଚନା କରିଥିଲି । ସେ ଦିନଠୁ ସୃଜନଯାତ୍ରା ଆରମ୍ଭ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣା ଭାବରେ ଚିହ୍ନେ ମୋ ମା' ଓ ଗାଁ । ମୋ ବଡ଼ଭାଇ ପ୍ରଦୀପ କୁମାର ପଣ୍ଡାଙ୍କୁ କବିତାର ମାୟାରେ ବିଭୋର ହେବାର ଦେଖି ଅନେକଟା ପ୍ରେରିତ ହୋଇଥିଲି । ନୂଆଁ ନୂଆଁ କଲେଜ ପଢ଼ିଲା ବେଳେ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଶୈଳକଳ୍ପ ପ୍ରକାଶିତ ହୋଇଥାଏ । ମୁଁ ତା'ର ଆମୂଳଚୂଳ ଅନେକ କବିତା ମୁଖସ୍ଥ କରିଥିଲି । ଲାଗେ କବି ରାଜେନ୍ଦ୍ର କିଶୋର ପଣ୍ଡା ମାଟିର ଦ୍ରୋଣ ପରି ମୋର ସୃଜନ ଜୀବନର ଆଦ୍ୟଗୁରୁ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କ କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କ ପ୍ରିୟ ଓ କାହିଁକି ?

■■ ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ କବି ଯଥା ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ କୁମାର ମିଶ୍ର, ଗୋପାଳକୃଷ୍ଣ ରଥ, ଅଶ୍ୱିନୀ କୁମାର ମିଶ୍ର, ରାମକୃଷ୍ଣ ଆଦିଙ୍କ ସାନ୍ନିଧ୍ୟ ଓ ପରାମର୍ଶ ପାଇ ମୋର ସୃଷ୍ଟି ଧାରା ପରିମାର୍ଜନର ପ୍ରୟାସ କରିଛି । ଅଗ୍ରଜମାନେ ଯେମିତି ହାତ ଧରି କଢ଼େଇ ନେଇଛନ୍ତି ଆଗକୁ ଆଗକୁ । ଗୋଟିଏ ଅନୁଭବର ବିଷୟ କହି ରଖେ , ମୋର ଦ୍ୱିତୀୟ କବିତା ବହି ପ୍ରକାଶ ପାଇବା ପୂର୍ବରୁ ଅଗ୍ରଜ କବି ଦେବୀଦାସ ମିଶ୍ରଙ୍କୁ ପ୍ରାୟ ଶହେଟି କବିତା ଦେଇଥିଲି ଉପଯୁକ୍ତ କବିତାଗୁଡ଼ିକୁ ଚୟନ କରିବା ପାଇଁ । ସେ ମୋତେ ବାଛିଥିବା ଚାଳିଶଟି କବିତାକୁ ନେଇ ପ୍ରକାଶିତ ହୋଇଥିଲା ଦ୍ୱିତୀୟ ବହିଟି । ଅଗ୍ରଜମାନଙ୍କ ସ୍ନେହ ଓ ଉତ୍ସାହ ମୋର ସୃଜନ ଯାତ୍ରାକୁ ଋଦ୍ଧିମନ୍ତ କରିଛି । ବର୍ତ୍ତମାନ ସୁଦ୍ଧା ମୋର ମାତ୍ର ତିନୋଟି କବିତା ବହି ପ୍ରକାଶିତ । ମୋ ବାଟ ଦେଇ ଯେହେତୁ ସୃଜି ହୋଇଛନ୍ତି କାହାକୁ ପ୍ରିୟ ଅବା ଅପ୍ରିୟ କହିବି । ବସ୍ତୁତଃ ବ୍ୟକ୍ତିଗତ ଭାବଜଗତଟି ଯେହେତୁ ସ୍ୱର୍ଗୀୟ ତେଣୁ କୌଣସି କବିତାରେ ମୋର ଦୋଷ ଦୁର୍ବଳତା ମୋତେ ଦିଶେ ନାହିଁ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଅଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଭବିଷ୍ୟତକୁ ନେଇ ଆଶାବାଦୀ ହେବା ସାର । ଅନ୍ୟଥା ଯେଉଁ ଭଳି ଭାବରେ ସମୟ ଓ ପରିବେଶ ବଦଳୁଛି, ଓଡ଼ିଆ ସାହିତ୍ୟର ରୂପରେଖ ବି ବଦଳିବ । ଏକଥା ବି ସତ୍ୟ ପୃଥିବୀରେ କିଛି ବି ସ୍ଥାୟୀ ନୁହେଁ, ସବୁ ବଦଳେ ଓ କ୍ଷୟ ହୁଏ । କିନ୍ତୁ ଏତେ ଶୀଘ୍ର ନୁହେଁ, କ୍ରମଶଃ ରୂପରେଖ ବଦଳିବା ସ୍ୱାଭାବିକ । ଆଶା କରାଯାଉ ଭଲ ଲେଖକ ବାହାରିବେ, ଗୁଣାତ୍ମକ ମାନର ସାହିତ୍ୟ ସୃଷ୍ଟି ହେବ । ବହୁ ସଂଖ୍ୟା ହୋଇ ନ ପାରେ, ବଂଶୀ ଭଳି ଅଳ୍ପ କେତେଜଣେ ହେଉ ପଛେ ସମଗ୍ର ସାହିତ୍ୟକୁ ଆଚ୍ଛନ୍ନ କରି ରଖିବେ । ସାଧାରଣ ଲୋକଙ୍କ ପାଖରେ ସାହିତ୍ୟ ସହଜରେ ପହଞ୍ଚେ ନାହିଁ । ସାହିତ୍ୟ ପାଇଁ ସ୍ୱତନ୍ତ୍ର ଦୀକ୍ଷିତ ପାଠକ ଥାଆନ୍ତି, ସେମାନେ ହିଁ ସାହିତ୍ୟର ଗୁଣଗ୍ରାହୀ । ସେମାନଙ୍କ ସଂଖ୍ୟା ସ୍ୱଳ୍ପ । ସାଧାରଣ ପାଠକ ଲଘୁ ସାହିତ୍ୟକୁ ପସନ୍ଦ କରିଥାନ୍ତି । ଗମ୍ଭୀର ସାହିତ୍ୟ ବୁଝିବା ପାଇଁ ସେମାନଙ୍କ ପାଖରେ ଧୈର୍ଯ୍ୟ ନ ଥାଏ । ଦୀକ୍ଷିତ ପାଠକ ମାତ୍ରେ ହିଁ ଆସାଧାରଣ, ଆଦୌ ସାଧାରଣ ନୁହଁନ୍ତି । ଲେଖକ ପ୍ରକୃତରେ ଅଧା ଲେଖେ, ଆର ଅଧକ ପାଠକ ଲେଖେ । ଲେଖକ ତାର କଳ୍ପନାରେ ଲେଖେ, ପାଠକ କଳ୍ପନାର ଉଡାଣ ଅନୁସାରେ ବୁଝେ ।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଭାଷାକୁ ଉଦ୍ଧାର କରିବାର ଦାୟିତ୍ୱ ସାହିତ୍ୟର ନୁହେଁ । ସାହିତ୍ୟ ଭାଷାର ଏକ ସାହାଯ୍ୟକାରୀ ମାଧ୍ୟମ । ଯଦି ସଂପୃକ୍ତ ଭାଷାର ବ୍ୟକ୍ତି କଥିତ, ଲିଖିତ ଏବଂ ବିବିଧ ପ୍ରୟୋଗତ୍ମକ ସ୍ତରରେ ଭାଷାକୁ ଚଳମାନ କରି ରଖି ପାରିବ ତେବେ ଭାଷା ବଂଚି ରହିବାରେ ଅସୁବିଧା ନାହିଁ ।

■ ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସଂଭବ କି ?

■■ ଯାହା ହୃଦୟକୁ ଛୁଏଁ , ନୂତନ ଭାବ ବିନ୍ଦୁକୁ ଦର୍ଶନ କରାଏ, ସ୍ଥିତାବସ୍ଥାରୁ ମୁକ୍ତକରେ, ଗତାନୁଗତିକ ସ୍ଥିର ଧାରଣାଗୁଡ଼ିକୁ ବଦଳାଇ ଦେବାର ସାମର୍ଥ୍ୟ ରଖେ ସେ ଭଲ କବିତା । କିନ୍ତୁ ଗୋଟେ ଭଲ ବା କାଳଜୟୀ କବିତା ଲେଖିବା ପାଇଁ ଜୀବନ ବ୍ୟାପୀ ସାଧନା ବି ଯଥେଷ୍ଟ ନୁହେଁ । ଭଲ କବିତାଟିଏ ପାଇଁ କବିକୁ ଭାବ ଜଗତର ଦଶଦିଗକୁ ଖେଦି ଯିବାକୁ ପଡେ, ତେବେ ଯାଇ ଭଲ କବିତାଟିଏ ଜନ୍ମ ନେଇ ପାରେ । ବ୍ୟକ୍ତିଗତ ସ୍ତରରେ ଗୋଟିଏ ଗୋଟିଏ କବିତା କାହାର ମାନସିକତାକୁ ପରିବର୍ତ୍ତନ କରିପାରେ । ସାମୂହିକ ପରିବର୍ତ୍ତନର ଆଶା କମ୍ । ବ୍ୟକ୍ତିମାନସକୁ ବଦଳାଇଦେବାର ଅନେକ ନଜିର ସାହିତ୍ୟରେ ଦେଖିବାକୁ ମିଳେ । ବିଶେଷ କ୍ଷଣମାନଙ୍କରେ ସାହିତ୍ୟ ସାମୂହିକ ମାନସିକତାକୁ ଦୋହଲାଇ ଦେଇଛି । ସ୍ୱାଧୀନତା ସଂଗ୍ରାମ କାଳର ସାହିତ୍ୟ ଏହାର ଉଦାହରଣ ।

■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?


■■ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ମୁଁ ଅନେକ ଆଶାବାଦୀ । ଏବେ ଏବେ ତ ନୂଆ ପୃଥିବୀକୁ ଦେଖିବାକୁ ଆଖି ଖୋଲିଛୁ । ଇଣ୍ଟରନେଟର ବହୁଳ ବ୍ୟବହାର ଓଡ଼ିଆ ସାହିତ୍ୟକୁ ବହୁ ଉପଯୋଗୀ ଏବଂ ପ୍ରସାରଣଶୀଳ କରିଛି । ସାମାଜିକ ଗଣମାଧ୍ୟମ ଏହାର ଏକ ଦୃଷ୍ଟାନ୍ତ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ନିକଟକୁ ଯାଉ ବୋଲି ଆପଣ ଚାହିବେ ?

■■ ଉଚିତ ସମୟରେ ପୁରସ୍କାର ପ୍ରାପ୍ତି ସୃଜନ ଜୀବନକୁ ଉତ୍ସାହ ଯୋଗାଏ । ନିଷ୍ଠାବାନ ସତ୍ ସାହିତ୍ୟିକ ଲାଗି ପୁରସ୍କାର ଅନେକ ଗୁରୁତ୍ୱ ବହନ କରିଥାଏ । କିନ୍ତୁ ଶସ୍ତା ଲୋକପ୍ରିୟ ସାହିତ୍ୟିକ ପାଇଁ ପୁରସ୍କାର ମୃତ୍ୟୁ ସଦୃଶ । ପୁରସ୍କାର ପ୍ରାପ୍ତି ଉତ୍ତାରୁ ସାହିତ୍ୟିକ ନିଜର ଦାୟିତ୍ୱ ପ୍ରତି ଆହୁରି ସଜାଗ ହେଇଯାଏ । ଏଣୁ ବ୍ୟକ୍ତିଗତ ସ୍ତରରେ ଏହାର ଗୁରୁତ୍ୱ ଯଥେଷ୍ଟ । ସଚେତନ ଭାବରେ କିଛି ବାର୍ତ୍ତା ଦେବାର ନ ଥାଏ ସାହିତ୍ୟରେ । କିନ୍ତୁ ସୃଜନ ପ୍ରକ୍ରିୟାରେ ନିଜକୁ ପସନ୍ଦ ଲାଗୁଥିବା, ନିଜ ପସନ୍ଦର ଜୀବନ ବିଷୟରେ କିଛି ନା କିଛି ତ କହି ହୋଇଯାଏ । ମୁଁ ବଞ୍ଚିଥିବା ଜୀବନ ଓ ସମୟ ଆପେ ଆପେ ପଶି ଆସନ୍ତି ମୋ ସୃଷ୍ଟି ଭିତରକୁ । ସୃଷ୍ଟି ତଥା ବିସ୍ତୃତ ଜଗତକୁ ଅଧିକ ସୁନ୍ଦର ଓ ସୁସଂହତ କରିବାର ଇଚ୍ଛାଟିଏ ତ କବିର ରହିଛି । ❤❤

■ ଅଳ୍ପରେ ମନୋଜ କୁମାର ପଣ୍ଡା

ଜନ୍ମ– ୦୧.୦୧. ୧୯୬୮
ଜନ୍ମ ସ୍ଥାନ : ଡଙ୍ଗରପଡ଼ା, ସମ୍ବଲପୁର
ପିତା : ନୀଳମାଧବ ପଣ୍ଡା
ମାତା: ଚିତ୍ରୋତ୍ପଳା ପଣ୍ଡା
ବର୍ତ୍ତମାନ ଠିକଣା :
ପ୍ରାଧ୍ୟାପକ ତଥା ଅଧ୍ୟକ୍ଷ
ସୁରଜମଲ୍ ମହାବିଦ୍ୟାଳୟ, ରମ୍ପେଲା,
ରେଙ୍ଗାଲି, ସମ୍ବଲପୁର – ୭୬୮୨୧୨



**ପ୍ରକାଶିତ ପୁସ୍ତକ- (କବିତା)**

ଅଦୃଶ୍ୟ ଆଲିଙ୍ଗନ – ୨୦୦୮
ଅମିତ୍ରାକ୍ଷର ଛନ୍ଦରେ ରଚିତ ଏକ ନଦୀର ନାମ ୨୦୧୮
ଅନିମେଷ ଅକ୍ଷର (କବିତା)– ୨୦୨୩

**ସମ୍ପାଦନା:**

ପାହାଚିହ୍ନା (ପ୍ରବନ୍ଧ)
ସକାଳର ସ୍ୱର (କବିତା)



ବରିଷ୍ଠ କବି ସୌଭାଗ୍ୟ ମିଶ୍ରଙ୍କ ସହ କବି ମନୋଜ କୁମାର...



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...



ପୁତ୍ର ଓ ପତ୍ନୀଙ୍କ ସହ କବି ମନୋଜ କୁମାର ପଣ୍ଡା...



ସତୀର୍ଥମାନଙ୍କ ଗହଣରେ କବି ମନୋଜ କୁମାର ପଣ୍ଡା...

## ପ୍ରଥମ ବିଦେଶ ଯାତ୍ରା

**ନନ୍ଦିତା ମହାନ୍ତି**

# ମୋ ଝର୍କାରୁ ଆମେରିକା...

ଭାଗ-୭

**ଏଇ ସମୟରେ ଦରଜାରେ କରାଘାତ ହେଲା । ମୁଁ ଭାବିଲି ଏତେବେଳେ କିଏ ? ସେତେବେଳକୁ ରାତି ହେଲାଣି । ମୁଁ ଦରଜା ଅଳ୍ପ ଖୋଲି ଚାହିଁଲି ପଦାକୁ । ବାହାରେ ଜଣେ ପୁରୁଷ ଓ ଜଣେ ମହିଳା ଛିଡା ହୋଇଥିଲେ । ଭାରତୀୟ ପରି ଲାଗୁଥିଲେ ଆଉ ବୟସ୍କ ବି । ମୁଁ କିନ୍ତୁ ସେମାନଙ୍କୁ ଜାଣି ନ ଥିଲି କି ଚିହ୍ନି ନ ଥିଲି । ଏମାନଙ୍କର ମୋ ପାଖରେ କି କାମ । ମନକୁ ପାପ ଛୁଇଁଲା । ଅଜଣା ଜାଗା, ଅଜଣା ମଣିଷ । ମୁଁ ହୋଟେଲର ଲମ୍ୱା କରିଡୋରକୁ ଚାହିଁଲି ।**

ଡାଇନିଙ୍ଗ ହଲରେ ବୁଫେ ଲାଗିଥାଏ। ହରେକ କିସମର ଖାଦ୍ୟ ଯେମିତି ପାରମ୍ପାରିକ ଆରବିକ ଖାଦ୍ୟ , କଣ୍ଟିନେଣ୍ଟାଲ ଡିସେସ, ଜୁସ, ଚା, କଫି, ଫଳ । ହେଲେ ଅଧିକାଂଶ ଖାଦ୍ୟ ବିଷୟରେ ମୁଁ ଥିଲି ଅଜ୍ଞ । ତାପରେ ମୁସଲମାନ ଦେଶ । କେଉଁଥିରେ ବିଫ ବି ଥାଇପାରେ ଯାହା ଆମ ପାଇଁ ବର୍ଜିତ । ସେଥିପାଇଁ ଯେଉଁ ଖାଦ୍ୟ ସହିତ ମୁଁ ପରିଚିତ ଯେମିତିକି ବ୍ରେଡ, ଜାମ, ବଟର, ସିଝା ଅଣ୍ଡା, ଜୁସ, ଫଳ, ସେଇ ସବୁ ମୁଁ ବାଛି ବାଛି ଗୋଟେ ପ୍ଲେଟରେ ନେଇ ବସିଗଲି ଯାଇ କାଚ ଝରକା ନିକଟରେ ପଡିଥିବା ସୋଫା ଉପରେ । ବାହାରେ କିଛି ଦୂରରେ ଛିଡା ହୋଇଥିଲା ଧାଡି ଧାଡି ହୋଇ ଅନେକ ଏରୋପ୍ଲେନ । ବୋଧହୁଏ ସ୍ଥାନଟି ଏରୋପ୍ଲାନମାନଙ୍କର ଷ୍ଟାଣ୍ଡ ଥିଲା ଯେମିତି ଆମର ଥାଏ ସାଇକେଲ ଷ୍ଟାଣ୍ଡ । ଏ କଥା ମନକୁ ଆସିବା କ୍ଷଣି ମୋତେ ହସ ଲାଗିଲା। ମୁଁ ଚାରିଆଡେ ଅନେଇ ଦେଖିଲି କେହି ମୋତେ ଚାହୁଁ ନାହାନ୍ତି ତ ! ସାମ୍ନାରେ ଟିକେ ଦୂରରେ ବସିଥିଲେ ତିନି ଜଣ ଯୁବତୀ ଓ ତାଙ୍କ ସହିତ ଜଣେ ପ୍ରୌଢା ମହିଳା । ବୋଧହୁଏ ସେମାନଙ୍କର ମାଆ ହେବେ । ଏମାନଙ୍କୁ ମୁଁ ମୋର ଫ୍ଲାଇଟରୁ ହିଁ ଦେଖି ଆସୁଥିଲି । ହେଲେ କେବଳ ସେମାନଙ୍କର ସୁନ୍ଦର ଆଖିଗୁଡିକୁ ହିଁ ଦେଖିଥିଲି । ସମସ୍ତେ ଥିଲେ ବୁର୍ଖା-ନସିନ । ହେଲେ ଯେହେତୁ ସେମାନେ ଏବେ ଖାଉଥିଲେ ସେଥିପାଇଁ ସମସ୍ତଙ୍କର ମୁହଁ ଖୋଲାଥିଲା । ଆଉ ସେମାନଙ୍କର ଅପରୂପ ସୌନ୍ଦର୍ଯ୍ୟରେ ସତକୁ ସତ ମୁଁ ଅଭିଭୂତ ହୋଇଗଲି । କୌଣସି ନାରୀର ଶରୀରରେ ପୁଣି ଏତେ ସୌନ୍ଦର୍ଯ୍ୟ । ଭଗବାନ ଯେମିତି ପୁରା ଫୁରସତରେ ଗଢିଥିଲେ ତାଙ୍କୁ । ମୁଁ ଏମିତି ଅନେଇଥିବାର ଦେଖି ତାଙ୍କ ଭିତରୁ ଜଣେ ଝିଅ ମୋତେ ଚାହିଁ ଟିକେ ହସିଦେଲା । ସତେକି ଶହେ ୱାଟର ବଲବଟିଏ 'ଧକ୍' କିନା ଜଳି ଉଠିଲା । ମୁଁ ବି ତାକୁ ଚାହିଁ ଟିକେ ହସିଦେଲି ।

ପେଟ ପୁରିଲା ପରେ ମୁଣ୍ଡ ବି ଟିକେ ଥଣ୍ଡା ହେଇଗଲା । ଏବେ ମୁଁ ଟିକେ ଆଖି ପହଁରାଇ ଆଣିଲି ମୋ ଚାରିପଟେ । ହୋଟେଲଟି ଖୁବ ସୁନ୍ଦର ଭାବରେ ସଜା ଯାଇଛି । ବାହାରେ ଧୁ' ଧୁ' ଖରା, କିନ୍ତୁ ଭିତର ସ୍ନିଗ୍ଧ, ଶୀତଳ । ଭିତରେ, କାଚ କାନ୍ଥକୁ ଲାଗି ବିଭିନ୍ନ ପ୍ରକାରର ସୋ ପ୍ଲାଣ୍ଟସ । କିଛି ଗଛ ତ ଛାତ ଛୁଉଁଥିଲେ । ମୁଁ ଆଶ୍ଚର୍ଯ୍ୟ ହେଉଥିଲି ମରୁଭୂମିରେ ଏହି ସବୁଜିମା ଦେଖି । କେତେ ଯତ୍ନ ଓ କେତେ ଅୟସରେ ଗଢା ଯାଇଥିଲା ଏହି ସୁନ୍ଦର ସବୁଜ ଦୁନିଆଁ । ହୋଟେଲର ତଳ ଫ୍ଲୋରକୁ ଏକ ହେରିଟେଜର ଲୁକ୍ ଦିଆ ଯାଇଥିଲା । କାନ୍ଥ



କଡେ କଡେ ରଖା ଯାଇଥିଲା ପୁରାତନ ସମୟର ବିଭିନ୍ନ ଚିଜ । ରାଜାରାଜୁଡା ସମୟର କମକୁଟକରା ସିଂଦୁକ, ଚେୟାରଟେବୁଲ, ବୋଟ, ପାନପାତ୍ର, ପିତ୍ତଳ ତିଆରି ବଡ ବଡ ଓଟ, ଘୋଡା । ଫ୍ଲୋରରେ ବିଛା ଯାଇଥିଲା ଖୁବ ସୁନ୍ଦର ଇରାନୀ ଗାଲିଚା।

ବାହାରେ ଖରା ନଇଁ ଆସୁଥିଲା । ଲାଗୁଥିଲା ଦିନସାରା ଜଳି ଜଳି ସୂର୍ଯ୍ୟଦେବତା ଯେମିତି ଥକି ପଡିଛନ୍ତି । ଏବେ ଥକା ମେଣ୍ଟେଇବା ପାଇଁ ଦଣ୍ଡେ ଘଡିଏ କେଉଁଠି ବସିପଡିବେ ବୋଧେ । ମୁଁ ବି ଥକି ପଡିଥିଲି । ହଠାତ୍ ମନେ ପଡିଗଲା ଘରେ ସମସ୍ତେ ବ୍ୟସ୍ତ ହେଉଥିବେ । ମୋର ଫ୍ଲାଇଟ ଠିକ ଟାଇମରେ ଥିଲେ ମୁଁ ଏବେ ନ୍ୟୁୟର୍କ ପାଖାପାଖି ପହଞ୍ଚି ଯାଇଥାନ୍ତି । ଏବେ ଯାଏଁ ନିଜର ଅସୁବିଧା ଭିତରେ ବୁଡି ରହି ମୁଁ ଏକଥା ପୁରା ଭୁଲି ଯାଇଥିଲି ଆଉ ମନେ ପଡିଯିବା କ୍ଷଣି ମୋତେ ବ୍ୟସ୍ତ ଲାଗିଲା । ହେଲେ କଣ କରିପାରିବି । ମୋବାଇଲ ତ କାମ କରୁନି । ହଠାତ୍ ମୋର ମନେ ପଡିଲା ମୁଁ ସେଇ ଏୟାରପୋର୍ଟ ଲାଉଞ୍ଜରେ ବସିଥିଲା ବେଳେ ଜଣେ ଆବୁଧାବିର ଯୁବକ (ଯିଏ ଆମ ଫ୍ଲାଇଟରେ ଆସିଥିଲା, ଭାରତୀୟ ପରି ଦିଶୁଥିଲା ଆଉ ହିନ୍ଦୀ ମଧ୍ୟ ବୁଝୁଥିଲା ) ଯିଏ ନିଜ ଫୋନରେ କଥା ହେଉଥିଲା । ତାକୁ ମୁଁ ପଚାରିଥିଲି, "କେମିତି କଥା ହେଇପାରୁଛ ?" ସିଏ କହିଥିଲା ୱାଇଫାଇ ଲଗେଇ କି କଥା ହେଇ ହେବ କିନ୍ତୁ ତା ପାଇଁ ପାସୱାର୍ଡ ଦରକାର । ହେଲେ ୱାଇଫାଇର ବ୍ୟବହାର ସେତେବେଳେ ମୋତେ ଏତେ ଜଣା ନଥିଲା । ହେଲେ ସେଇ କଥା ମନେ ପଡିବା କ୍ଷଣି ମୁଁ ସିଧା ଚାଲିଲି ହୋଟେଲର ରିସେପସନକୁ। ବଡ ସାହସ କରି କହିଲି, " ମୁଁ ଏଠି ଅଟକି ଯାଇଛି । ଘରଲୋକେ ବ୍ୟସ୍ତ ହେଉଥିବେ । ସେମାନଙ୍କ ସହିତ କଥା କରେଇ



ଦିଅନ୍ତୁ ।" ସିଏ କହିଲେ, "ଆପଣ ଆପଣଙ୍କର ରୁମକୁ ଯାଅନ୍ତୁ । ମୁଁ ରୁମକୁ ୱାଇଫାଇ ଦେଉଛି ଆଉ ଫୋନ କରି ପାସୱାର୍ଡ କହିଦେବି।"

ମୁଁ ରୁମକୁ ଗଲି । ହ୍ୱାଟ୍ସ-ଅପ କଲ କରି କଥା ହେଲି ସ୍ୱାମୀଙ୍କ ସହିତ । ସିଏ ସତକୁ ସତ ଭୟ ପାଇ ଯାଇଥିଲେ । ଏକୁଟିଆ ପଠେଇଥିବାରୁ ତାଙ୍କୁ ବି ଏକ ଦୋଷୀ ଦୋଷୀ ଭାବ ଆକ୍ରାନ୍ତ କରୁଥିଲା । ହେଲେ ମୋତେ ସାହସ ଦେବାକୁ ଯାଇ କହିଲେ, "ବ୍ୟସ୍ତ ହବୁନି। ଆଜି ରାତିଟା ଗଲେ, କାଲି ସକାଳେ ତ ଆମେରିକା ପାଇଁ ଫ୍ଲାଇଟ ଅଛି ।" କହୁଥିଲେ ସିନା ହେଲେ ତାଙ୍କ ସ୍ୱରରେ ବାରି ହୋଇ ଯାଉଥିଲା ବ୍ୟସ୍ତତା। ଝିଅ ପାଖକୁ ବି ଫୋନ କଲି। ସେମାନଙ୍କର ସେତେବେଳେ ରାତି, ହେଲେ ଝିଅଜୋଇଁ ଦୁହେଁ ଶୋଇ ନ ଥାନ୍ତି । ସେମାନେ ମୋତେ କଲ କରି ପାରିବେନାହିଁ । କିନ୍ତୁ ସେମାନେ ସେତେବେଳକୁ ଜାଣି ସାରିଥାନ୍ତି ଯେ ମୁଁ କୁୱେତରେ ଅଟକି ଯାଇଛି ବୋଲି । ଯେହେତୁ ଟିକେଟ ସେମାନେ ବୁକ୍ କରିଥିଲେ ତେଣୁ କରି ସେମାନଙ୍କୁ ମେଲ ଆସି ଯାଇଥିଲା । ହେଲେ ମୁଁ କୁୱେତରେ କେଉଁ ଅବସ୍ଥାରେ ଅଛି ତାହା ଜାଣିବାକୁ ସେମାନେ ଭାରି ଉତ୍ସୁକ ଥିଲେ । ଏବେ ମୁଁ ଠିକ୍ଠାକ୍ ଅଛି ଆଉ କୁୱେତର ଏକ ହୋଟେଲରେ ସୁରକ୍ଷିତ ଅଛି ଜାଣି ସେମାନେ କିଛି ମାତ୍ରାରେ ଚିନ୍ତାମୁକ୍ତ ହେଲେ ।

ଏଇ ସମୟରେ ଦରଜାରେ କରାଘାତ ହେଲା । ମୁଁ ଭାବିଲି ଏତେବେଳେ କିଏ ? ସେତେବେଳକୁ ରାତି ହେଲାଣି । ମୁଁ ଦରଜା ଅଳ୍ପ ଖୋଲି ଚାହିଁଲି ପଦାକୁ । ବାହାରେ ଜଣେ ପୁରୁଷ ଓ ଜଣେ ମହିଳା ଛିଡା ହୋଇଥିଲେ । ଭାରତୀୟ ପରି ଲାଗୁଥିଲେ ଆଉ ବୟସ୍କ ବି । ମୁଁ କିନ୍ତୁ ସେମାନଙ୍କୁ ଜାଣି ନ ଥିଲି କି ଚିହ୍ନି ନ ଥିଲି । ଏମାନଙ୍କର ମୋ ପାଖରେ କି କାମ । ମନକୁ ପାପ ଛୁଇଁଲା । ଅଜଣା ଜାଗା, ଅଜଣା ମଣିଷ । ମୁଁ ହୋଟେଲର ଲମ୍ୱା କରିଡୋରକୁ ଚାହିଁଲି । କରିଡୋର ଦୁଇ ପଟେ ଥିବା କୋଠରି ସବୁ ବନ୍ଦ ଥିଲା ଆଉ କରିଡୋର ଥିଲା ନିବାକ ଶୁନଶାନ। ଭୟର ଏକ ଶୀତ ଲହର ଖେଳିଗଲା ମୋ ଦେହରେ ।

ସେମାନେ ମୋ ମନର ଭାଷା ବୁଝିଗଲେ କି କଣ, ପୁରୁଷ ଜଣକ କହିଲେ, "ମ୍ୟାଡମ, ଆପଣ ରିସେପସନରେ ଫୋନ କରିବା କଥା କହିଲା ବେଳେ ଆମେ ଶୁଣୁଥିଲୁ। ଆମେରିକାରେ ମୋର ପୁଅବୋହୂ ବି ବ୍ୟସ୍ତ ହେଉଥିବେ ଆମ ପାଇଁ । ଆମର ତିନିପୁଅ ଅଛନ୍ତି ସେଠି । ଦୁଇ ପୁଅ ଗାଡି ଚଳାନ୍ତି ଆଉ ସାନ ପୁଅ ଏବେ ଏବେ ଯାଇଛି ସେଠାକୁ । ଆମେ ଆଗରୁ ବି ଆମେରିକା ଯାଇଛୁ । କିନ୍ତୁ କେବେ ଏମିତି ଅସୁବିଧା ହୋଇନାହିଁ । ଆପଣ ଆମକୁ ଟିକେ ସାହାଯ୍ୟ କରନ୍ତୁ । ଆମ ପୁଅମାନଙ୍କ ସହିତ ଟିକେ କଥା କରେଇ ଦିଅନ୍ତୁ। ସିଏ ପକେଟରୁ ଗୋଟେ କାଗଜ ବାହାର କରି ବଢେଇ ଦେଲେ ମୋ ହାତକୁ । ମୁଁ ଫୋନ ଲଗେଇଲି । ସେମାନେ କଥା ହେଲେ। ମହିଳା ଜଣଙ୍କ ଗୁଜୁରାଟିରେ କଥା କହୁ କହୁ କାନ୍ଦି ପକାଉଥାନ୍ତି । ସେମାନଙ୍କ ପୁଅ ମୋ ସହିତ କଥା ହେଲେ । ବହୁତ ବହୁତ ଧନ୍ୟବାଦ ଜଣାଇଲେ ଆଉ କହିଲେ ମୋର ବାପମାଆଙ୍କୁ ଟିକେ ଦେଖିବେ । ସେମାନେ ଏତେ ପଢାଲିଖା ନୁହନ୍ତି । ଗୁଜୁରାଟି ଓ ହିନ୍ଦୀ ଛଡା ଆଉ କିଛି ଭାଷା ଜାଣନ୍ତିନାହିଁ ।

ସେଇ ଗୁଜୁରାଟି ମହିଳା ଜଣକ ମୋତେ କୁଣ୍ଢେଇ ପକେଇ ନିଜର କୃତଜ୍ଞତା ଜଣେଇଲେ। ସେମାନେ ଭାରି ଖୁସିଥିଲେ । ମୋତେ ବି ଖୁବ ଭଲ ଲାଗିଲା ତାଙ୍କର ଏହି ଖୁସି ଦେଖି ।

ତାପର ଦିନ ସକାଳ ସାତଟା ସୁଦ୍ଧା ଆମେ ବ୍ରେକଫାଷ୍ଟ ସାରି ବସକୁ ଅପେକ୍ଷା କଲୁ । ବସ୍ ଆମକୁ ନେଇ ପହଞ୍ଚେଇ ଦେଲା ପୁଣି କୁୱେତ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ । ଏକ ବିରାଟ ପକ୍ଷୀ ପରି ଡେଣା ମେଲେଇ ବସିଥିବା କୁୱେତ ଏୟାରୱେଜର ବୋଇଙ୍ଗ ବିମାନଟି ଆମକୁ ନିଜ ପେଟରେ ପୁରେଇ ଆକାଶ ମାର୍ଗରେ ଉଡି ଯିବା ପାଇଁ ପ୍ରସ୍ତୁତ ଥିଲା । ଆମେ ସମସ୍ତେ ସିକ୍ୟୁରିଟି ଚେକିଙ୍ଗ କରିସାରି ନିଜ ନିଜ ସିଟରେ ଯାଇ ବସିଗଲୁ । ବାହାରେ ନୀଳ ଆକାଶ ଆଉ ଟିକି ଟିକି ବଉଦମାନେ ହାତ ଠାରି ଡାକୁଥିଲେ ଆମକୁ।


(ଆରଥରକୁ)


♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

**ପଢିବା ପରେ**

# ରାଧାଭୂମି ଓ ଅନ୍ୟାନ୍ୟ ଜଗତ (Radha land and worlds beyond)






ଏଠାରେ ଆଲୋଚିତ ହେବାକୁ ଥିବା ସଂକଳନଟି ଆମ ସମୟର ବିଖ୍ୟାତ କବି ରମାକାନ୍ତ ରଥଙ୍କର କେତେଗୁଡିଏ କବିତାର ଇଂରାଜୀ ଅନୁବାଦ। କବି ରମାକାନ୍ତ ଓଡ଼ିଆ ଆଧୁନିକ କବିତା ଜଗତର ଜଣେ ମୌଳିକ ଧାରା ପ୍ରବର୍ତ୍ତକ । ତାଙ୍କର ପ୍ରଥମ କବିତା ସଙ୍କଳନ 'କେତେ ଦିନର'୧୯୬୨ରେ ପ୍ରକାଶ ପାଇଥିଲା । ସେଥିରୁ ହିଁ ତାଙ୍କର ଅନନ୍ୟ କାବ୍ୟ ପ୍ରତିଭା ସ୍ପଷ୍ଟ ହୋଇଥିଲା ଏବଂ ପରେ ପରେ ସେ ଓଡ଼ିଆ କବିତା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠିତ ହୋଇଗଲେ।

କବି ରମାକାନ୍ତ ଙ୍କର ୫ଟି କବିତା ସଙ୍କଳନ ପ୍ରକାଶିତ ହେବା ପରେ ୧୯୮୫ ମସିହାରେ 'ଶ୍ରୀରାଧା'ଶୀର୍ଷକରେ ଗୋଟିଏ ଖଣ୍ଡକାବ୍ୟ ପ୍ରକାଶିତ ହୋଇଥିଲା।ପରେ ପରେ 'ଶ୍ରୀ ପଳାତକ' ନାମରେ ଆଉ ଗୋଟିଏ ଖଣ୍ଡ କାବ୍ୟ ପ୍ରକାଶିତ ହୋଇଥିଲା।ଏହି ଦୁଇଟି କାବ୍ୟ ରାମକାନ୍ତଙ୍କୁ ଅନେକ ଖ୍ୟାତି ପ୍ରସିଦ୍ଧି ଓ ଲୋକପ୍ରିୟତା ଆଣିଦେଲା, ବିଶେଷ ଭାବରେ'ଶ୍ରୀରାଧା' ।ଏହି କାବ୍ୟ ରମାକାନ୍ତଙ୍କର ପୂର୍ବବର୍ତ୍ତୀ ସମସ୍ତ କବିତା ଠାରୁ ଭିନ୍ନ।

ରମାକାନ୍ତଙ୍କ ଅଧିକାଂଶ କବିତା ମୃତ୍ୟୁ ସଚେତନତା, ଭାଗ୍ୟ ବା ନିୟତିର ଆତଙ୍କ, ମଣିଷର ଅସ୍ତିତ୍ୱଗତ ସମସ୍ୟା, ପ୍ରେମର ଅନୁପସ୍ଥିତିକୁ ନେଇ ରଚିତ।

କିନ୍ତୁ ଶ୍ରୀରାଧାରେ ପ୍ରେମର ଉପଲବ୍ଧି ଚରମ ଭାବରେ ରହିଛି, ତା ସହିତ ରହିଛି ସେହି ପ୍ରେମର ପରିଣାମରେ ସେ ପାଉଥିବା ଯନ୍ତ୍ରଣା, କାମନାର ଅନୁପଲବ୍ଧିର ଓ ହତାଶାର କଥା ଯାହା ଶେଷରେ ରାଧାଙ୍କୁ ଦେବୀରେ ପରିଣତ କରିଛି। କବି ତାଙ୍କର ପୃଷ୍ଠବନ୍ଧରେ ଲେଖିଛନ୍ତି ତାଙ୍କ ଦ୍ୱାରା ବର୍ଣ୍ଣିତ ବୈଷ୍ଣବ ରାଧାଙ୍କ ଭଳି ମୂଳରୁ ଦେବୀ ନଥିଲେ। ପ୍ରେମକୁ ଭୋଗ କରିବାର ଏକ ଚରମ ଉପଲବ୍ଧି ତାଙ୍କୁ ଦେବୀରେ ପରିଣତ କରିଛି।

ସମ୍ବେଦନଶୀଳ ପାଠକ ବୁଝି ପାରିବ ଯେ ଏହି ଶ୍ରୀରାଧା ବୈଷ୍ଣବୀୟ ରାଧାଙ୍କ ଭଳି ମୂଳରୁ ସମର୍ପିତା ନୁହନ୍ତ । ସେ କୃଷ୍ଣଙ୍କର ଅଂଶ ବିଶେଷ ମାତ୍ର ନୁହନ୍ତି, ସେ ଜଣେ ସ୍ୱତନ୍ତ୍ର ନାରୀ, ତାଙ୍କର ଜୀବନରେ ଦ୍ୱନ୍ଦ୍ୱ ରହିଛି ସଂଘର୍ଷ ରହିଛି, ପ୍ରଶ୍ନ ରହିଛି। ଏହି ଭଳି ଏକ କାବ୍ୟ ନାୟିକାଙ୍କୁ ନେଇ ରଚିତ ଷାଠିଏଟି କବିତା, ପର୍ଯ୍ୟନ୍ତ ବିଭିନ୍ନ ଭାଷାରେ ଅନୁଦିତ ହୋଇଚି ହେଉଛି। ନିଜେ କବି ଏହାର ଇଂରାଜୀ ଅନୁବାଦ କରିଛନ୍ତି। ନିକଟରେ ଡକ୍ଟର ଜିତେନ୍ଦ୍ରନାଥ ମିଶ୍ରଙ୍କ ଦ୍ୱାରା ଏକ ଉଲ୍ଲେଖନୀୟ ସଂକଳନ,'**Radhaland and worlds beyond** '-ଦିଲ୍ଲୀ ର ପ୍ରକାଶକ ଅଥର ପ୍ରେସଙ୍କ ଦ୍ୱାରା ପ୍ରକାଶିତ ହୋଇଛି । ଏଥିରେ ଶ୍ରୀରାଧାର ୩୨ଟି କବିତାର ଇଂରାଜୀ ଅନୁବାଦ ରହିଛି ଓ ତା ସହିତ କବିଙ୍କର ବିଭିନ୍ନ ସଂକଳନରୁ କେତୋଟି କବିତାର ଅନୁବାଦ ମଧ୍ୟ ରହିଛି। ଅନୁବାଦକ ମାନେ ହେଲେ: ଜିତେନ୍ଦ୍ରନାଥ ମିଶ୍ର, ରତ୍ନପ୍ରଭାମିଶ୍ର, ଯତୀନ୍ଦ୍ର କୁମାର ନାୟକ, ସିନ୍ଧୁବାଳା ଚୌଧୁରୀ, ଚନ୍ଦ୍ରହାସ ଚୌଧୁରୀ, ରମାକାନ୍ତ ରଥ, ଅମଳେନ୍ଦୁ ମିଶ୍ର, ବିକ୍ରମ ଦାସ, ଜଗନ୍ନାଥ ଦାଶ, ଲଗ୍ନ ପଣ୍ଡା,ସମ୍ବିତ ଦାଶ, ସଂଗ୍ରାମ ଜେନା ଓ ଲିପିପୁଷ୍ପା ନାୟକ। ଏହାର ବେଶୀ ଭାଗ ଅନୂଦିତ ହୋଇଚି ଜିତେନ୍ଦ୍ରନାଥ ଓ ରତ୍ନପ୍ରଭା ଏବଂ ଯତୀନ୍ଦ୍ରନାଥ ନାୟକଙ୍କ ଦ୍ୱାରା। ଜିତେନ୍ଦ୍ରନାଥ ବହିରେ ଏକ ଯଥାର୍ଥ ମୁଖବନ୍ଧ ଲେଖିଛନ୍ତି , ରମାକାନ୍ତ ଓ ତାଙ୍କର କବିତା ଗୁଡିକ ସମ୍ବନ୍ଧରେ ଅନେକ ତଥ୍ୟ ଯୋଗାଇ ଦେଇଛନ୍ତି ଯାହା ପାଠକ ମାନଙ୍କୁବହିଟିରେ ପ୍ରବେଶ କରିବାରେ ଯଥେଷ୍ଟ ସାହାଯ୍ୟ କରିବ।

ବହିଟିର ପ୍ରଚ୍ଛଦ ସୁଦୃଶ୍ୟ, ମୂଲ୍ୟବାନ କାଗଜରେ ପରିଚ୍ଛନ୍ନ ଛପା, ଗୋଟିଏ ବି ବନାନ ଅଶୁଦ୍ଧି ନାହିଁ, ତେଣୁ ବହିଟି ଖୁବ ଆକର୍ଷଣୀୟ ହୋଇଚି। ଏଥିପାଇଁ ପ୍ରକାଶକଙ୍କୁ ଅଭିନନ୍ଦନ ଦେବାକୁ ହେବ।

ଏଥିରେ ଯେଉଁ ୧୩ ଜଣ ବିଶିଷ୍ଟ ଅନୁବାଦକଙ୍କର ଅନୁବାଦ ରହିଛି ସେହି ଅନୁବାଦକଙ୍କ ଅନୁବାଦ ଉପରେ ଆଲୋଚନା କରିବାର କାରଣ ନାହିଁ। ଏତିକି କହିଲେ ଯଥେଷ୍ଟ ହେବ ଯେ ଏହି ଅନୁବାଦକ ମାନଙ୍କର ଅନୁବାଦ ଆଶ୍ଚର୍ଯ୍ୟଜନକ ଭାବରେ ଅନୁବାଦରେ ସଂହତି ରଖିବାରେ ସଫଳ ହୋଇଚି। ପଢିଲେ ଜଣା ଜଣାଯାଉନାହିଁ ଯେ ବିଭିନ୍ନ ଅନୁବାଦକ ପରସ୍ପରର ଅଜାଣତରେ ଏହି ଅନୁବାଦ କରି ରମାକାନ୍ତଙ୍କର ମୂଳ କବିତାର ସ୍ୱରୂପକୁ ଅବ୍ୟାହତ ରଖି ପାରିଛନ୍ତି । କବିତାଗୁଡିକ ଚାରି ଭାଗରେ ବିଭକ୍ତ। ଏହି ଚାରି ଭାଗ ରମାକାନ୍ତଙ୍କର କାବ୍ୟ ଚେତନାର ଚାରିଟି ବିଭାବ। ପ୍ରଥମ: **Love and Longing** (ପ୍ରେମ ଓ କାମନା)ଦ୍ୱିତୀୟ: **Sorrow** (ଦୁଃଖ) ତୃତୀୟ: **Consciousness** (ଚେତନା) ଚତୁର୍ଥ: **Death and war**( ମୃତ୍ୟୁ ଓ ଯୁଦ୍ଧ)।

ସଂକଳକ ଜିତେନ୍ଦ୍ରନାଥ ଯଦି ରମାକାନ୍ତଙ୍କର କବିତା ସହିତ ପୂର୍ଣ୍ଣ ଏକାତ୍ମତା ଲାଭ କରି ନଥାନ୍ତେ ତେବେ ଏଭଳି ଭାବରେ କବିତାକୁ ବିଭିନ୍ନ ସ୍ତରରେ ଉପସ୍ଥାପିତ କରି ପାରି ନଥାନ୍ତେ। ପ୍ରଥମ ଭାଗରେ ଶ୍ରୀରାଧା ଗ୍ରନ୍ଥରୁ ୨୧ଟି କବିତା ଅନ୍ୟ ଦୁଇଟି 'ସନ୍ଦିଗ୍ଧ ମୃଗୟା'ରୁ ଆନୀତ।

ସାଧାରଣ ଦୃଷ୍ଟିରେ ଯାହାକୁ ଆମେ କେବଳ ପ୍ରେମ ଓ କାମନା ବୋଲି ଭାବୁଥାଉ ଏ ସବୁ କବିତା ସେହି ଶ୍ରେଣୀର ନୁହେଁ। ପାଠକ ପଢିଲେ ଜାଣି ପାରିବେ ଯେ ଏହି ପ୍ରଗାଢ ଭଲ ପାଇବା ଓ ପ୍ରିୟ ମଣିଷଙ୍କ ପାଇଁ ଆକୁଳତାର ଅନେକ ଜଟିଳ ସ୍ତର ରହିଛି।

ମୂଳରୁ କହିଛି ରମାକାନ୍ତଙ୍କ କାବ୍ୟ ଚେତନା ଗୋଟିଏ ବିଭାବ ହେଉଛି ଦୁଃଖ ଓ ବେଦନା।ଏହି ବିଭାଗରେ କବିତା ଚାରିଟି ରହିଛ। ଏଥିରେ 'ଅତିଥି ସତ୍କାର 'କବିତାଟି ଭାରି ଅଦ୍ଭୁତ ଓ କରୁଣ, କାରଣ ଏହି କବିତାଟି ମୃତ୍ୟୁ ବିଷୟରେ ଲେଖା ହୋଇଛି ଯେ କି କାବ୍ୟ ନାୟକର ପୁଅକୁ ସାଙ୍ଗରେ ନେଇଛି ଆଉ ସେ ଫେରି ନାହିଁ। ସତକୁ ସତ ଏହି କବିତା ଲେଖା ହେବା ପରେ କବିଙ୍କର ପୁଅ ଗୋଟିଏ ଦୁର୍ଘଟଣାରେ ଚାଲି ଯାଇଥିଲା।ଏହି ସଂଯୋଗ ଆଶ୍ଚର୍ଯ୍ୟ ଜନକ ଓ ଦାରୁଣ।

ତୃତୀୟ ବିଭାଗ 'ଚେତନା' **(Consciousness)**ସମ୍ବନ୍ଧରେ ଶ୍ରୀ ମିଶ୍ର ଲେଖିଛନ୍ତି ଯେ କେତେଗୁଡିଏ ପ୍ରେମ କବିତା ପ୍ରେମିକାଙ୍କର ଚେତନା ଓ ଅସ୍ତିତ୍ୱର ବିକାଶର କଥା ମଧ୍ୟ କହୁଛନ୍ତି। ତେଣୁ ସେ ଏହି ବିଭାଗରେ ସେହି କବିତା ଗୁଡିକ ବାଛି ରଖିଛନ୍ତ । ଏଥିରେ ଶ୍ରୀରାଧା ରୁ ୧୧ଟି କବିତା, ଶ୍ରୀପଳାତକରୁ ୨ ଟି ଓ ଅନ୍ୟାନ୍ୟ ବହିରୁ ୭ଟି କବିତା ଦେଇଛନ୍ତି। ମିଶ୍ରଙ୍କର ଏପରି ମନୋନୟନ ବାସ୍ତବିକ ପ୍ରଶଂସା ଯୋଗ୍ୟ।

ଶେଷ ବିଭାଗରେ ମାତ୍ର ତିନିଟି କବିତା ରହିଛି ।ତାର ଶୀର୍ଷକ ହେଲା '**War and Death**' (ଯୁଦ୍ଧ ଏବଂ ମୃତ୍ୟୁ)। ରମାକାନ୍ତଙ୍କୁ ମୃତ୍ୟୁ ସଚେତନ କବି ବୋଲି କୁହାଯାଏ । ମୃତ୍ୟୁକୁ ନେଇ ତାଙ୍କର ଅସଂଖ୍ୟ କବିତା ରହିଛି। ଏହି ସଂକଳନଟି ପ୍ରଧାନତଃ ଶ୍ରୀରାଧାଙ୍କ ବିଶେଷ ପରିଚୟକୁ ଓ ରମାକାନ୍ତଙ୍କର କାବ୍ୟ ଚେତନାରେ ପ୍ରେମର ଉଦୟ ଓ ତାର ବିକାଶ, ଉପଲବ୍ଧି ଓ ତାଙ୍କର ଚେତନାର ସମାହିତ ଶିଖର ବିନ୍ଦୁକୁ ସମଗ୍ର ବିଶ୍ୱ ସାହିତ୍ୟରେ ପ୍ରତିଷ୍ଠିତ କରାଇବା ଉଦ୍ଦେଶ୍ୟରେ ପ୍ରକାଶିତ ହୋଇଛି। ତେଣୁ ଅନ୍ୟ ସବୁ ବିଭାଗରେ ଅଧିକ କବିତା ଦିଆଯାଇନାହିଁ।

'ଶ୍ରୀ ପଳାତକ' କାବ୍ୟ ରେ ଯୁଦ୍ଧ ଓ ତାର ବିଭୀଷିକାକୁ ନେଇ କେତେଗୁଡିଏ କବିତା ରହିଛି। କେବଳ ମହାଭାରତ ଯୁଦ୍ଧ ନୁହେଁ, ବିଶ୍ୱ ଯୁଦ୍ଧ, ହିଟଲରର ଅମାନୁଷିକ ଅତ୍ୟାଚାର ଏସବୁକୁ ନେଇ କେତେ ଗୁଡିଏ କବିତା ରହିଛି।

ଏ ସଂକଳନଟିକୁ ଯେଉଁ ଅଣ ଓଡିଆ ପାଠକ ପାଠିକା ପଢିବେ, ସେମାନେ ନିଶ୍ଚିତ ଭାବରେ ଶ୍ରୀରାଧାଙ୍କୁ ନୂତନ ଭାବରେ ଚିହ୍ନିବେ, ବୁଝିବେ ଓ ରାଧା କୃଷ୍ଣଙ୍କର ପ୍ରେମ କେତେ ସ୍ତରରେ କେତେ ବୈଚିତ୍ର୍ୟ ଓ ସୌନ୍ଦର୍ଯ୍ୟର ସହିତ, କେତେ ହତାଶା କେତେ ଆଶା କେତେ ବେଦନା ଭିତରେ ରୂପାୟିତ ହୋଇ ପାରେ ଜାଣିବେ ଓ ଏଥିରୁ ପ୍ରଚୁର କାବ୍ୟିକ ଆନନ୍ଦ ଲାଭ କରବେ।

ଏହି ସଂକଳନର ପ୍ରେରଣା କାର୍ଯ୍ୟକାରୀ କରିଥିବା ଜିତେନ୍ଦ୍ର ମିଶ୍ର, ତେର ଜଣ ଅନୁବାଦକ ଏବଂ ପ୍ରକାଶକ ଅଥର ପ୍ରେସଙ୍କୁ ମୋର ଅଭିନନ୍ଦନ, ବହିଟି ବିଶ୍ୱର ଅଣ ଓଡିଆ ପାଠକଙ୍କ ନିକଟରେ ଆଦୃତ ହେବ ବୋଲି ମୋର ଦୃଢ଼ ବିଶ୍ୱାସ । କାରଣ ସଂକଳକ, ଅନୁବାଦକ ଓ ପ୍ରକାଶକ ଙ୍କର ଆନ୍ତରିକ ପ୍ରଚେଷ୍ଟା ଓ ଅବଦାନ ଏହି ବହିଟିକୁ ଏକ ବିଶେଷ ସାର୍ଥକତା ପ୍ରଦାନ କରିଛି ।



♥ ସମୀକ୍ଷା : ମମତା ଦାଶ
୪୦୫ ଆରଚିଡ୍ ପ୍ରାଇଡ୍, ଶ୍ରୀରାମ ନଗର, ଭୁବନେଶ୍ୱର-୨
(ମୋ) ୯୪୩୮୧୦୬୩୧୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ଫେବୃଆରୀ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଦୃଷ୍ଟିକୋଣ-୩

# ଶୂନ୍ୟ ଶୂନ୍ୟରେ ହିଁ ଜୀବନ



♥ ଡ. କାଳୀପଦ ପଣ୍ଡା

ପ୍ରତ୍ୟେକ ଜୀବାତ୍ମାର ଧରାବତରଣ ଏବଂ ଚିରବିଦାୟ ଏହି ଦୁଇଟି ଦିଗ ସର୍ବଶକ୍ତିର ମୂଳାଧାର ଅଦୃଷ୍ଟ ସୃଷ୍ଟି ନିୟନ୍ତାଙ୍କ ଇଚ୍ଛାଧୀନ ବ୍ୟାପାର। ସେ କେଉଁ ଜୀବାତ୍ମାକୁ କେତେ ସମୟ ଏହି ଧରାଧାମରେ ବିଚରଣ କରିବାକୁ ରଖିବେ ତାହା ତାଙ୍କ ଦ୍ୱାରା ହିଁ ନିର୍ଦ୍ଦିଷ୍ଟ ହୋଇଥାଏ। ଯେମିତିକି କୁହାଯାଇଛି - ତାଙ୍କ ବିନା ପତ୍ରଟିଏ ହଲେନାହିଁ। ଅର୍ଥାତ୍ ଧରାପୃଷ୍ଠରେ ଆତଯାତ ଜୀବାତ୍ମାଙ୍କର କାର୍ଯ୍ୟକାଳ ସେ ହିଁ ନିରୂପିତ କରିଥାନ୍ତି। କୌଣସି ବି ଜୀବାତ୍ମାର ଲୀଳାଖେଳା କେତେବେଳେ ବି ଏଠାରେ ପରିସମାପ୍ତି ଘଟିଯାଇପାରେ। ଯଦିଓ ଗୋଟିଏ କାରଣ ଅନ୍ୟମାନଙ୍କୁ ପରିଦୃଷ୍ଟ ହୁଏ, ଯେମିତି କି ଦୁରାରୋଗ୍ୟ ବ୍ୟାଧି, ସଡ଼କ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟାୟ, ହିଂସ୍ରଜନ୍ତୁର ଶିକାର ଇତ୍ୟାଦି ବିବିଧ ଘଟଣା ଜନିତ। ମାତ୍ର ତାହା କେବଳ ଆତ୍ମୀୟସ୍ୱଜନ ବା ବନ୍ଧୁବାନ୍ଧବ ପ୍ରଭୃତିଙ୍କ ପାଇଁ ଏକ ଅବସୋସର କାରଣ ବୋଲି ପ୍ରତିପାଦିତ ହୁଏ। ଅସଲ କଥା ହେଲା- ଆମେ ଚାହିଁଲେ ଏଠାରେ ରହି ପାରିବୁନି। ସେତ 'ପରମ', ସେହିଁ ଜୀବର ନିୟନ୍ତା। ସୃଷ୍ଟି ଓ ବିଲୟ, ଆରମ୍ଭ ଓ ଶେଷ, ସବୁର କାରଣ ସେ। ତାଙ୍କୁ ଦେଖିବା, ଶୁଣିବା, ବୁଝିବା ଏ ଚର୍ମଚକ୍ଷୁରେ ମାନବପକ୍ଷେ କେବେ ସମ୍ଭବ ହୁଏନାହିଁ। ସକଳ ସୃଷ୍ଟିର ସେ ଆଧାର। ନିତ୍ୟ ପ୍ରବହମାନ ବାୟୁ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହନକ୍ଷତ୍ର, ଅଗ୍ନି ଓ ବାରିଧି କିମ୍ୱା ପଞ୍ଚମହାଭୂତରେ ଯେଉଁ ଶରୀର ଗଠନ, ସବୁର ସେହିଁ ସୃଷ୍ଟିକର୍ତ୍ତା। ତାଙ୍କରି ଇଚ୍ଛା ମତେ ଏମାନେ ନିଜ ନିଜର କାର୍ଯ୍ୟ ନିରନ୍ତର ନିର୍ବାହ କରିଚାଲିଛନ୍ତି। ତେବେ ମଣିଷ ଯେଉଁ ଉତ୍କୃଷ୍ଟ ସତ୍ତାର ଅଧିକାରୀ ସେ ତା'ର ଈଶ୍ୱରଦତ୍ତ ବିଦ୍ୟାବୁଦ୍ଧି ବଳରେ ଅନେକ ଆବିଷ୍କାର ଓ ଉଦ୍ଭାବନ ମଧ୍ୟରେ ତା' ଜୀବନପଥକୁ କୁସୁମିତ କରୁଛି। ଅଧିକ ଆନନ୍ଦ ଓ ସୁଖପ୍ରଦ ଜୀବନଶୈଳୀ ପାଇଁ ଦିନକୁ ଦିନ ସେ ନବୀନତାରେ ଭବ-ଭୂମିରେ ସଂରଚନାର ଦିଗକୁ କରୁଛି ସଂପ୍ରସାରିତ।

ଏଠାରେ କିନ୍ତୁ ଏକମାତ୍ର ଧ୍ରୁବସତ୍ୟ ଯେ, ଏହି ଧରାଧାମରେ ମଣିଷ ଦୁଇଟି ସୁନିଶ୍ଚିତ ପଥ ମଧ୍ୟରେ ଅହରହ ସଂଗ୍ରାମରତ। ତାହାହେଲା ଜନ୍ମ-ମୃତ୍ୟୁ। ଏହା କିନ୍ତୁ ପରମକାରୁଣିକ କରୁଣାମୟ କରୁଣାକର, ବିଶ୍ୱବ୍ରହ୍ମାଣ୍ଡ ନାୟକ, ଅଣାକାର କେହି ଜଣେ ଅଦୃଷ୍ଟଙ୍କ ଇଚ୍ଛାବଳରେ ସଦା ଘଟିଚାଲିଛି। ବେଳେବେଳେ କାହିଁକି ଅନେକ ସମୟରେ ମନରେ ପ୍ରଶ୍ନ ଆସିଥାଏ, ସ୍ରଷ୍ଟାପୁରୁଷ ଏହା କ'ଣ ଠିକ୍ କରୁଛନ୍ତି ? ୧୦୦ବର୍ଷର ବ୍ୟକ୍ତି ଜିଇଁ ରହିଥିଲାବେଳେ ବାଳକ ବାଳିକା ବୟସରେ, ତରୁଣ ବୟସରେ ସଂସାର ମଞ୍ଚରୁ କାହିଁକି ଜୀବାତ୍ମାକୁ ନେଇଯାଆନ୍ତି ? କାହିଁକି ତେବେ ପଠାଇଥିଲେ ଏଠାକୁ ? କ'ଣ ସେତିକିକାଳ ସେ ଜୀବତ୍ମାର ସଂସାର ଭୋଗ ଥିଲା ? ଏମିତି କେତେ କ'ଣ ପ୍ରଶ୍ନରେ ଜର୍ଜରିତ ହୁଏ ଅଜ୍ଞମାନବ।

> ଏଥିରୁ ସୁସ୍ପଷ୍ଟ, ଜୀବନଧାରଣରୁ ମୃତ୍ୟୁ ଯାଏଁ ଯେଉଁ ସମୟଖଣ୍ଡ ତାହାହିଁ ଜୀବନ-ସଂଘର୍ଷ। ଜିଇଁବାର ଅଭୀପ୍ସା ହିଁ କର୍ମର ପଥ। କାରଣ ଅନ୍ନମୟ ପିଣ୍ଡକୁ ସୁରକ୍ଷିତ ରଖିବାରେ ମାନବ ରୋଜଗାର ପନ୍ଥାରେ ଧାବିତ। ପୁଣି ଜିଇଁବାର ଯେଉଁ ଶୈଳୀର ପ୍ରାଚୁର୍ଯ୍ୟ, ସେଦିଗରେ ପ୍ରତିନିୟତ ସଂଘର୍ଷ ଅବ୍ୟାହତ ରଖି କେବେକେବେ ସେ ଖୁବ୍ ରୁଧିରାକ୍ତ ହୋଇପଡ଼େ।

ଏଥିରୁ ସୁସ୍ପଷ୍ଟ, ଜୀବନଧାରଣରୁ ମୃତ୍ୟୁ ଯାଏଁ ଯେଉଁ ସମୟଖଣ୍ଡ ତାହାହିଁ ଜୀବନ-ସଂଘର୍ଷ। ଜିଇଁବାର ଅଭୀପ୍ସା ହିଁ କର୍ମର ପଥ। କାରଣ ଅନ୍ନମୟ ପିଣ୍ଡକୁ ସୁରକ୍ଷିତ ରଖିବାରେ ମାନବ ରୋଜଗାର ପନ୍ଥାରେ ଧାବିତ। ପୁଣି ଜିଇଁବାର ଯେଉଁ ଶୈଳୀର ପ୍ରାଚୁର୍ଯ୍ୟ, ସେଦିଗରେ ପ୍ରତିନିୟତ ସଂଘର୍ଷ ଅବ୍ୟାହତ ରଖି କେବେକେବେ ସେ ଖୁବ୍ ରୁଧିରାକ୍ତ ହୋଇପଡ଼େ। ଆମର ଚୈତ୍ୟଶକ୍ତିର ବିକାଶ ଘଟୁନଥିବାରୁ ଆମେ ବସ୍ତୁ ପ୍ରେମର ପ୍ରାବଲ୍ୟରେ ମାତି ପରମାତ୍ମାଙ୍କୁ ବୁଝିବାକୁ ଚେଷ୍ଟିକରି ନଥାଉ। ଆମେ ଭୁଲିଯାଉ ନିୟତି ହିଁ ଆମର ନିୟନ୍ତକ। ସେ କେତେବେଳେ ପୃଥିବୀରୂପକ ରଙ୍ଗମଞ୍ଚରୁ ଆମକୁ ନେଇଯାଇପାରେ। ମାତ୍ର ଏହା ଜାଣିବି ଆମେ ଆମର ଧନଦୌଲତ, ଅୟସ ଆରାମର ସାମଗ୍ରୀ ସହ ପଦବି ଓ ପ୍ରତିଷ୍ଠାର ମୋହରେ ଏତେ କୂଟକପଟ ଭିଆଇ ଅନ୍ୟକୁ ପଛକୁ ପକାଇ ଆଗକୁ ବଢୁଥାଉ ଯେ, ଯାହା ଜୀବସତ୍ତାର ଆଖି ବୁଜିଦେଲେ ତା'ର ସବୁ ଅର୍ଥ ଅପ୍ରସାଙ୍ଗିକ ହୋଇଯାଏ।

ଏହା ସତ୍ତ୍ୱେ ବି ଆତ୍ମବଳକୁ ନେଇ ଆମକୁ ସଂଗ୍ରାମ କରିବାକୁ ହୁଏ ଜିଇଁବାର କଳାରେ। ଈଶ୍ୱର ଆମକୁ ଜଗତକୁ ପଠାଇଛନ୍ତି, ସେ ସବୁକିଛି ଆମପାଇଁ ଏ ଜଗତରେ ଭରିଦେଇଛନ୍ତି, କିନ୍ତୁ ଆମର ଆବଶ୍ୟକତା ପୂରଣ ପାଇଁ କର୍ମସନ୍ନ୍ୟାସ ଯୋଗକୁ ଆପଣେଇ ନେବାକୁ ପଡ଼ିବ। କର୍ମ ହିଁ ଧର୍ମ। ତାହାଠାରୁ ଦୂରେଇଗଲେ ଜୀବନ ଜିଇଁବା କାଠିକରପାଠ ହୋଇଯାଏଁ। କର୍ମ ଓ କର୍ତ୍ତବ୍ୟରେ ହିଁ ଜୀବନ ସୁଖମୟ ହୁଏ। ଘରେ ଚାଉଳ ଥିଲେ ଭାତ ହୋଇଯାଏ ନାହିଁ। ସେଥିପାଇଁ ଯେଉଁ ପ୍ରକ୍ରିୟା, ଅଗ୍ନିରେ ପାଣିକୁ ଗରମକରି ଚାଉଳ ପକାଇ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅପେକ୍ଷାକଲେ ତାହା ଯେତେବେଳେ ପେଜ ଅବସ୍ଥାକୁ ଆସେ, ସେତେବେଳେ ଚାଉଳ ଭାତ ପର୍ଯ୍ୟାୟକୁ ରୂପାନ୍ତରିତ ହୋଇ ଖାଦ୍ୟ ଉପଯୋଗୀ ହୁଏ। ଏହି କର୍ମ ନକରି ଈଶ୍ୱରଙ୍କୁ ଛାଡ଼ିଦେବା ଅର୍ଥ ବୋକାମି।


ଶ୍ରୀମଦ୍ ଭଗବତ୍‌ଗୀତା ହିଁ ଆମକୁ ଆମର ଜୀବବ୍ରହ୍ମର କର୍ମ କର୍ତ୍ତବ୍ୟର ପଥ ନିର୍ଦ୍ଦେଶ କରିଥାଏ। ପୁଣି ମୃତ୍ୟୁ ଯେ ଏକ ପ୍ରକ୍ରିୟା ତାହାକୁ ଦର୍ଶାଇ ଦେଇଥାଏ। ପୁରୁଣା ବସ୍ତ୍ର ଯେଉଁଭଳି ଆଉ ବ୍ୟବହାର ଉପଯୋଗୀ ହୋଇନଥାଏ ସେହିଭଳି ଜୀବାତ୍ମାର ବିଦାୟ ଶରୀର ରୂପକ ଏକ ଘଟକୁ ଆଉ ଏକ ଘଟରେ ପରିବର୍ତ୍ତନ ବୋଲି ଧରିନେବାକୁ ଏହା ଶିକ୍ଷା ଦେଇଥାଏ। ଆମ ଶରୀର ଏକ 'ରଥ'। 'ରଥି' ଏହାର ଆତ୍ମା। ଏହି ଆତ୍ମାରୂପି ଈଶ୍ୱରଙ୍କର ଶରୀରର ଘଟ ପରିବର୍ତ୍ତନକୁ ମୃତ୍ୟୁ ବୋଲି ଧରାଯାଏ। ଜୀବ ସେତେବେଳେ ଶବ ହୋଇ ଦାହ ହୋଇଯାଏ। ଭୂମିସ୍ପର୍ଶ ବେଳେ ଯେଉଁଭଳି ଶୂନ୍ୟହସ୍ତରେ ଜୀବାତ୍ମା ଆସିଥାଏ ସେମିତି ଭୂମିତ୍ୟାଗବେଳେ ଶୂନ୍ୟହସ୍ତରେ ଚାଲିଯାଏ। ଶୂନ୍ୟ ଶୂନ୍ୟରେ ହିଁ ଜୀବନ।

♥ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
ମୋ: ୮୯୧୭୨୫୫୪୯୩

## ॥ ସ୍ୱୀକାରୋକ୍ତି ॥

# କିଛି କଥା କିଛି ବ୍ୟଥା...

ବିପିନ ମହାନ୍ତି






ଅସରନ୍ତି କଥା ଆଉ ଅସୁମାରି ବ୍ୟଥା। ସବୁକୁ ଲେଖି ବସିଲେ ଗୋଟିଏ ଜୀବନ ବି ନିଅଣ୍ଟ ପଡ଼ିବ। ସବୁକଥା କହି ହୁଏନି କି ସବୁବ୍ୟଥା ବାଣ୍ଟି ହୁଏନି। ଅମାପ ଅନୁଭବର ଅସମ୍ଭାଳ ଭିଡ଼ ଏଇ ସ୍ମୃତିର ପଟଳରେ। କେହିକେହି କୁହନ୍ତି ଆପଣଙ୍କ ଜୀବନୀଟିଏ ଲେଖନ୍ତୁ। ମନରେ ଭୟ ଆସେ, କ'ଣ ଲେଖିବି। ସତ ଲେଖିଲେ ଦୁନିଆ ବିଶ୍ୱାସ କରିବ ନାହିଁ, ଆଉ ମିଛ ଲେଖିଲେ ଧର୍ମଦ୍ରୋହୀ ହେବି। ଏଣୁ ନ ଲେଖିବା ବରଂ ଭଲ। ସତ୍ୟ ମୁହଁ ଲୁଚାଇ କାନ୍ଦୁଥାଉ ଆଉ ମିଥ୍ୟା ଖୁସିର ଉତ୍ସବ ବନାଉଥାଉ। ଲୁହକୁ ଲୁଚେଇ ହସିବାର କଳା ସମସ୍ତଙ୍କୁ ଜଣାନଥାଏ।

ଏକାନ୍ତରେ କେବେକେବେ ବସିଛି। ଭଗବାନଙ୍କୁ ପଚାରିଛି ହେ ପ୍ରଭୁ! ଜଣେ ମଣିଷର ଜନ୍ମରୁ ମୃତ୍ୟୁଯାଏ କ'ଣ ଖାଲି ଦୁଃଖ ହିଁ ଦୁଃଖ। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହେବା କ'ଣ ପାପ। କେତେଦିନ ଆଉ ଦୁଃଖକୁ ଗଣ୍ଠିଲି କରି ବୋହି ଚାଲିଥିବି। ଦୁଃଖର ଭିନ୍ନଭିନ୍ନ ସ୍ୱରୂପକୁ ଭୋଗିଛି। କଷ୍ଟ ତ ଶରୀରକୁ ପୀଡ଼ା ଦିଏ, ଦୁଃଖ କିନ୍ତୁ ମନକୁ ଆଚ୍ଛନ୍ନ କରେ। କଷ୍ଟର ଉପଚାର ହୋଇପାରେ କିନ୍ତୁ ଦୁଃଖର ନୁହେଁ। ଥରେ ମନ ମରିଗଲେ ଜୀବନ ଅର୍ଥହୀନ ହୋଇଯାଏ।

ଘରର ବଡ଼ପୁଅ ମୁଁ। ମୋ'ତଳେ ତିନି ଭଉଣୀ। ବାପା ହୋମିଓପ୍ୟାଥିକ୍ ଡାକ୍ତର। ମାଆ ଗୃହିଣୀ। ହୋମିଓପ୍ୟାଥିକୁ ମୁଁ ଆମର ବ୍ୟବସାୟ ବୋଲି ତ କହିବିନି, ସେବା ବୋଲି କହିବା ଠିକ୍ ହେବ। ଗୋଟିଏ ଔଷଧ ପୁଡ଼ିଆର ଦାମ ଚାରିଅଣା, ରୋଗୀର ସାମର୍ଥ୍ୟକୁ ବାପା କେବେ ପରଖିବାର ମୁଁ ଦେଖିନି। ଯିଏ ଯାହା ଦେଲା। ରୋଗ ଉପଶମ ହେବା ଦରକାର। ଖୁବ୍ ମାପଚୁପ ରୋଜଗାର। ଯେଉଁଦିନ ଆୟ ସେଇଦିନ ବ୍ୟୟ। ଚୁଲି ମୁହଁକୁ ଘସି ମେଣ୍ଟେଇ ଦେଇ ବୋଉ ଅନେଇଥିବ ବାପାଙ୍କ ପ୍ରତିକ୍ରିୟାକୁ। ମାଟିହାଣ୍ଡିରେ ପାଣି ଫୁଟିଫୁଟି ମରିସାରିଥିବ ସିନା, ଚାଉଳ ଗଣ୍ଡାଏ ଯୋଗାଡ଼ କରିବାରେ ବାପା ଆୟ ଜୁଟାଇ ପାରିନଥିବେ। ପରିବା କହିଲେ ଦୁଆର ପାଖରେ ଶଜନା ଗଛ। ଶାଗ ଯେମିତି, ଛୁଇଁ ବି ସେମିତି। ଯେତେ ବାଣ୍ଟିଲେ ବି ସରେନା। ଗୁହାଳ ଚାଳିରେ ବୋଉ ଲଗେଇଥିବା ଶିମ୍ୱ, ବାଡ଼ିର ଖଡ଼ା ଆମ ପରିବାରର ଆବଶ୍ୟକତାକୁ ପୂରଣ କରୁଥିଲା। ଆମେ ଦୁଇଓଳି ପେଟପୂରା ଖାଇବାକୁ ପାଇନାହୁଁ ସତ ହେଲେ ଉପାସ ରହିନୁ। ସେତେବେଳେ ଭୋକର ବି ଗୋଟିଏ ଆତ୍ମୀୟତା ଥିଲା। ମୁଠାଏ ମୁଢ଼ିରେ ବେଳାଏ ତୋରାଣି ତେଣ୍ଡିଦେଲେ ଗଲା। ସବୁ ଅଭାବ ସତ୍ତ୍ୱେ ବି ବାପାଙ୍କର ନିଷ୍ଠା, ଆଦର୍ଶ, ଆମମାନଙ୍କ ପ୍ରେରଣାର ଉତ୍ସ ଥିଲା। ଦୁଆରମୁହଁରୁ କେବେ ଯୋଗୀ, ଭିକାରି ଖାଲି ହାତରେ ଫେରିଯିବାର ମୁଁ ଦେଖିନି। ନିଜ ସମ୍ୱଳରୁ କାଟି ଅନ୍ୟର ଆବଶ୍ୟକତାକୁ ମର୍ମେମର୍ମେ ଅନୁଭବ କରୁଥିଲେ ବାପା। ତେଣୁ ତ ଅଭାବ ଆମକୁ ଲକ୍ଷଚ୍ୟୁତ କରିପାରିନଥିଲା।

ଗାଁ ପ୍ରାଇମେରୀ ପରେ, ଶ୍ରୀ ରାଧାମୋହନ ମି.ଇ. ସ୍କୁଲ ଓ ପରେପରେ ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ। ୧୯୩୬ ମସିହାରେ ଚୌଧୁରୀ ଗଙ୍ଗାଧର ଦାଶଙ୍କ ଦ୍ୱାରା ସ୍ଥାପିତ ସମ୍ଭ୍ରାନ୍ତ ବିଦ୍ୟାଳୟ। ବ୍ରିଟିଶ ଶାସନ କାଳରେ ଭିଙ୍ଗାରପୁରର ଜମିଦାରମାନେ ଥିଲେ ଖୁବ୍ ପ୍ରଭାବଶାଳୀ। ଶାସନ କର୍ତ୍ତା ଭାବେ ଯେତିକି କଠୋର, ଅଧିବାସୀ ଭାବେ ସେତିକି ଉଦାର। ଯେମିତି ଜୁଲମ କରି ଅର୍ଥ ଉପାର୍ଜନ କରୁଥିଲେ ସେମିତି ପ୍ରଜାବତ୍ସଳ ଭାବେ ଦାନ, ଧର୍ମ ବି କରୁଥିଲେ। ସେଇ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଥିଲେ ମହାପାତ୍ର ନୀଳମଣୀ ସାହୁ ଓ ପୂର୍ବତନ ବାଚସ୍ପତି ଶ୍ରୀଯୁକ୍ତ ରବି ରାୟ ଓ ଆହୁରି ଅନେକ। ଆମସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଥିଲେ ଶ୍ରୀଯୁକ୍ତ ରାମକୃଷ୍ଣ ନନ୍ଦ। 'ଆହେ ଦୟାମୟ ବିଶ୍ୱ ବିହାରୀ'ର ପ୍ରାର୍ଥନାରେ ଗୁଞ୍ଜରୀତ ହେଉଥିଲା ବିଦ୍ୟାଳୟର ପରିସର ଓ ପ୍ରାରମ୍ଭ ହେଉଥିଲା ଶିକ୍ଷାଦାନ। ତେବେ କଷ୍ଟେମଷ୍ଟେ ମାଟ୍ରିକ୍‌ଟି ପାଶ କରିଗଲି। ପ୍ରାଣନାଥ କଲେଜ ଖୋର୍ଦ୍ଧାରେ ବିଜ୍ଞାନ ଷ୍ଟ୍ରିମ୍‌ରେ ନାମ ଲେଖାଗଲା। ମୋର ହାଇସ୍କୁଲର ଗଣିତ ଶିକ୍ଷକ ଶ୍ରୀଯୁକ୍ତ ହୃଷିକେଶ ଛୋଟରାୟ ଏବଂ ମୋ' ଗାଆଁର ବଡ଼ଭାଇ ଓ ଆମ ମାଇନର ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ କପିଳେଶ୍ୱର ନାୟକଙ୍କ ଆର୍ଥିକ ସହଯୋଗରେ ମୋର କଲେଜରେ ପଢିବାର ସ୍ୱପ୍ନ ସାକାର ହେଲା। ସେମାନଙ୍କ ଇଚ୍ଛା ମୁଁ କେମିତି ପଢିବି, ଆଗକୁ ବଢ଼ିବି। ମକୁନ୍ଦପ୍ରସାଦର ଡ୍ରିମଲ୍ୟାଣ୍ଡ ମେସରୁ ଆରମ୍ଭ ହେଲା ମୋର ଖୋର୍ଦ୍ଧା କଲେଜ ଜୀବନ। ଅଧକ୍ଷ ମେଜର ଏ.କେ.ମିଶ୍ରାଙ୍କ କଡ଼ା ପ୍ରଶାସନ ଆଗରେ ବିଶୃଙ୍ଖଳିତ ଛାତ୍ରମାନଙ୍କର ଦୌରାତ୍ମ୍ୟ ମୋତେ ବ୍ୟଥିତ କରୁଥାଏ। ଏଣେ ପରିବାରର ଆର୍ଥିକ ଦୁଃସ୍ଥିତି। ବାପାଙ୍କର ସ୍ୱଳ୍ପ ଆୟରେ ସହଯୋଗର ହାତ ବଢ଼ାଇବା ପାଇଁ ପାଠରେ ଡୋରି ବାନ୍ଧିଲି ଓ ଭାରତୀୟ ବାୟୁସେନାରେ ଯୋଗ ଦେବାର ସୁଯୋଗକୁ ଶ୍ରେୟସ୍କର ମନେକରି ବାୟୁସେନାରେ ଯୋଗ ଦେଲି। ୨୧ ଅଗଷ୍ଟ ୧୯୭୮ ମସିହା ଥିଲା ମୋ'ଜୀବନର ନିର୍ମମ ନିଷ୍ପତ୍ତି।

ମାଡ୍ରାସର ତାମ୍ବରମ ବାୟୁସେନା ତାଲିମ ସ୍କୁଲ। ଖୁବ୍ ଶୃଙ୍ଖଳିତ ମାପଚୁପ ଜୀବନ। ବେଲ୍‌ବଟମ ପ୍ୟାଣ୍ଟ ନିଷିଦ୍ଧ କରିଦିଆଗଲା। ହିପ୍ପି ବାଳକୁ କାଟି ଦିଆଗଲା। ରାଜା, ରଙ୍କ, ଧନୀ, ଗରିବ ସମସ୍ତେ ସମାନ। ଏକା ପ୍ରକାର ଖାଇବା ପିଇବା, ଏକା ପ୍ରକାର ରହନ ସହନ। ତେବେ ସଶରୀରେ ସିନା ମୁଁ ବାୟୁସେନାରେ, କିନ୍ତୁ ଆତ୍ମା ଓ ମନରେ ମୁଁ ବାପାବୋଉଙ୍କ ପାଖରେ। କେମିତି ଥିବେ ସେମାନେ, କେମିତି ବିତୁଥିବ ସେମାନଙ୍କ ଜୀବନ। ବାପାମାଆଙ୍କର ଏକୋଇର ବଳା ବିଶିକେସନ। ବାପାବୋଉ ଚାହୁଁନଥିଲେ ମୁଁ ସେନାରେ ଯୋଗଦାନ କରେ ବୋଲି। ହେଲେ ଦାରିଦ୍ର୍ୟ ଆଗରେ ନିର୍ବାକ ନିରବ ଥିଲେ ସେମାନେ। ବୋଉର ସେ ଛଳଛଳ ଆଖି, ବାପାଙ୍କର ସେ ଦୀର୍ଘଶ୍ୱାସ ଏବେ ବି ମୋ'ସ୍ମୃତିର ମାନସପଟ୍ଟରେ ପ୍ରତିବିମ୍ୱିତ ହୁଏ। ଅସହାୟ ବାପାମାଆ, ଅବିଚଳିତ ପୁତ୍ର। ମୋ ଆଗରେ ଆଉ କିଛି ଚାରା ହିଁ ନଥିଲା। ୨୦୫ଟଙ୍କା ମୂଳ ଦରମାରେ ମହଙ୍ଗାଭତ୍ତା ସହିତ ମାସିକ ଦରମା ଥିଲା ୩୦୫ଟଙ୍କା ଓ ଅଗଷ୍ଟ ମାସର ୧୧ ଦିନର ଦରମା ମିଶାଇ ପ୍ରଥମ ଦରମା ୩୦ ସେପ୍ଟେମ୍ବର ଦିନ ମିଳିଲା ୪୧୫ ଟଙ୍କା। ପ୍ରଥମ ଦରମାରୁ ୩୦୦ଟଙ୍କା ବାପାଙ୍କ ପାଖକୁ ମନିଅର୍ଡର କରିବାର ଯେଉଁ ଆତ୍ମତୃପ୍ତି ମୁଁ ସେଦିନ ପାଇଥିଲି ତାହା ବୋଧେ ମୋ' ଜୀବନର ଶେଷ ଉପଲବ୍ଧି ଥିଲା।

ପ୍ରଥମ ଦରମା ବାପାଙ୍କ ପାଖକୁ ପଠାଇଥିବାର ଆତ୍ମଗର୍ବ ମୋ' ପାଖରେ ବେଶି ଦିନ ରହିଲା ନାହିଁ। ବାପା ରୋଗଶଯ୍ୟାରେ ପୀଡ଼ିତ ହେଲେ। ବ୍ୟୟବହୁଳ ଚିକିତ୍ସାକୁ ମୋର ସ୍ୱଳ୍ପ ରୋଜଗାର। ଏଣେ ମାସ ଶେଷରେ କିଛିଟା ପଇସା ହାତରେ ଗୁଞ୍ଜିଦେଲାପରେ ସଂପର୍କର ମାନେ ବୁଝୁନଥିବା ହୃଦୟହୀନ ସେନାଅଧିକାରୀଙ୍କ ଅକଥନୀୟ ନିର୍ଯାତନା, ଅବଶ୍ୟ ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ନୁହେଁ ଦେଶର ସାର୍ବଭୌମତ୍ୱ ପାଇଁ ଜଣେ ସଶକ୍ତ ସୈନିକ ନିର୍ମାଣର ଲକ୍ଷ୍ୟ ଆଗରେ ସେମାନେ ଯେତିକି ଶକ୍ତ ସେତିକି ନିର୍ଦ୍ଦୟ। ଛୁଟି ନେଇ ଘରକୁ ଆସିବା ସମ୍ଭବ ନଥିଲା। ମୋତେ ଟିକିଏ ଦେଖିଦେଇଥିଲେ ବାପା ହୁଏତ ଆଉ କିଛିଦିନ ବଂଚିବାର ରାହା ପାଇଯାଇ ଥାଆନ୍ତେ, ହେଲେ ସମ୍ଭବ ହେଲା ନାହିଁ। ବାପା ୨ ଜୁନ ୧୯୮୦ ମସିହାରେ ସବୁଦିନ ପାଇଁ ଆଖି ବୁଜିଲେ। ସେତେବେଳେ କୌଣସି ଖବର ପାଇବାର ଏକମାତ୍ର ମାଧ୍ୟମ ଟେଲିଗ୍ରାମ ହିଁ ଥିଲା। ଅମ୍ୱାଲା କ୍ୟାଣ୍ଟନମେଣ୍ଟରୁ ତିନିତିନିଟା ଟ୍ରେନ୍ ବଦଳାଇ ସାତଦିନ ପରେ ଘରେ ପହଞ୍ଚିଲି। ନୀରବତାର ନିରିହ ରାଜୁତି ଚରୁଥିଲା ଘରସାରା। ବୋଉର ବୈଧବ୍ୟ, ବାପାଙ୍କର ଶୁଦ୍ଧିକ୍ରିୟା ସବୁକୁ ସାମ୍ନା କରିବାର ଜୁ ନଥାଏ ମୋର। ତେବେ ଅସୀମ ଧୈର୍ଯ୍ୟରେ ମୁଁ ଜୀବନର ଜମାନବନ୍ଦୀକୁ ଭେଟି ଚାଲିଥିଲି ଅହରହ। (କ୍ରମଶଃ)

## ସ୍ମୃତି କଥା

# ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଗୀତାପାଠ

ପ୍ର. ମଣୀନ୍ଦ୍ର କୁମାର ମେହେର



ପ୍ରତିବର୍ଷ ଗଙ୍ଗାଧର ଜୟନ୍ତୀ ପାଳନ ସମୟରେ ସକାଳ ପ୍ରାୟ ଆଠଟାରୁ ଆରମ୍ଭ ହୁଏ ଶ୍ରଦ୍ଧାଞ୍ଜଳି ଅର୍ପଣର କାର୍ଯ୍ୟକ୍ରମ। କବିଭବନ, କବି ପରିବାରଙ୍କ ବାସଭବନରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ ପରବର୍ତ୍ତୀ ଯେଉଁ କାର୍ଯ୍ୟକ୍ରମଟି ପାଳିତ ହୋଇଥାଏ ନିଷ୍ଠାର ସହିତ ତାହା ହେଲା କବିଙ୍କ ଆବକ୍ଷ ମାର୍ବଲ ପ୍ରତିମୂର୍ତ୍ତି ନିକଟରେ ଗୀତାପାଠ।

ଏପରି ଏକ କାର୍ଯ୍ୟକ୍ରମର ପରିକଳ୍ପନା କିପରି କରାଯାଇଥିଲା ସେ ସମ୍ପର୍କରେ ବିଶେଷ ତଥ୍ୟ ଆହରଣ କରିପାରିନାହିଁ। ମନେହୁଏ ଯେହେତୁ ଗଙ୍ଗାଧରଙ୍କ ପ୍ରାତ୍ୟହିକ ଦିନଚର୍ଯ୍ୟା ମଧ୍ୟରେ ଗୀତାପାଠ ଥିଲା ଏକ ଅବିଚ୍ଛେଦ୍ୟ ଅଂଶ, ତେଣୁ ତାଙ୍କ ଜନ୍ମଦିନରେ ଏହି ପବିତ୍ର କାର୍ଯ୍ୟକ୍ରମର ସଂଯୋଜନା କରାଯାଇଅଛି। ବାଲ୍ୟକାଳରୁ ଆରମ୍ଭ କରି ଦେଖି ଆସୁଥିବା ସେହି ମୁହୂର୍ତ୍ତଟି ଅନ୍ତଃସ୍ଥଳରେ ରହିଯାଇଛି ଅତ୍ୟନ୍ତ ପ୍ରାଣବନ୍ତ ରୂପରେ। ସ୍ୱଚକ୍ଷୁରେ ଦେଖେ ପିତାମହ କବିପୁତ୍ର ଭଗବାନ ମେହେରଙ୍କ ସହିତ ବରପାଲିର ଗଙ୍ଗାଧର ସ୍ମୃତିପୂଜକ ଭଦ୍ରମଣ୍ଡଳୀ ସମସ୍ତେ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ହେବାପରେ ପୁଷ୍ପମାଲ୍ୟାର୍ପଣ କରାଯାଏ କବିଙ୍କ ଉଦ୍ଦେଶ୍ୟରେ ଓ ତା' ପରେ ପରେ ଦୀପ ପ୍ରଜ୍ୱଳନ କରି ଆରମ୍ଭ ହୋଇଥାଏ ଗୀତାପାଠ। ସେ ସମୟର ପରିବେଶର ପବିତ୍ର ପ୍ରଭାବ ଏକ ପୁଣ୍ୟାର୍ଜନ ବୋଲି ଅଭିହିତ କରାଯାଇପାରିବ ନିଶ୍ଚୟ।

ଆମ ହାଇସ୍କୁଲର ସଂସ୍କୃତ ଶିକ୍ଷକ ପଣ୍ଡିତ ବାଞ୍ଛାନିଧି ଖାଡ଼ଙ୍ଗା ଗୀତାପାଠ କରୁଥାନ୍ତି ଧ୍ୟାନ ନିବିଷ୍ଟ ଚିତ୍ତରେ। ସମସ୍ତ ଉପସ୍ଥିତ ଗଙ୍ଗାଧର ଅନୁରାଗୀ ଭଦ୍ରବ୍ୟକ୍ତି ବିନମ୍ର ବଦନରେ ଚକ୍ଷୁ ନିମିଳିତ କରି ସେହି ଆବୃତ୍ତି ସହିତ ନିଜ ନିଜକୁ ଆତ୍ମିକ ସ୍ତରରେ ସଂଯୁକ୍ତ କରି ରଖିଥାଆନ୍ତି। ପ୍ରତ୍ୟେକଙ୍କ ମୁଖମଣ୍ଡଳର ଜ୍ୟୋତି ବିକିରିତ ହେଉଥାଏ ହୃଦୟସ୍ପର୍ଶୀ ଭାବରେ। ପ୍ରତ୍ୟେକେ ହିଁ ଦେଖା ଯାଉଥାନ୍ତି ଅସାମାନ୍ୟ। ସତେ ଯେପରି ହିମାଳୟ ପର୍ବତ ଗୁମ୍ଫାରୁ ଆସି ଦଣ୍ଡାୟମାନ ରହିଛନ୍ତି ପ୍ରାଜ୍ଞ ଋଷିବୃନ୍ଦ। ଦୀର୍ଘସମୟ ପର୍ଯ୍ୟନ୍ତ ଚାଲେ ଗୀତାପାଠ। ସାମାନ୍ୟ ମାତ୍ର ଇତସ୍ତତ ନହୋଇ ସମସ୍ତେ ନିଜ ନିଜର ଧ୍ୟାନ କେନ୍ଦ୍ରୀଭୂତ କରିଥାନ୍ତି ସେହି ଶ୍ଳୋକ ଉଚ୍ଚାରଣର ଧ୍ୱନି ପ୍ରତି। ବାଞ୍ଛାନିଧି ଖାଡ଼ଙ୍ଗା ଇହଲୀଳା ସମ୍ୱରଣ ପରେ ଦେଖିଛି କେଉଁ ବର୍ଷ ରାମଚରିତ ମାନସର ସୁବିଖ୍ୟାତ ପ୍ରବଚକ ଯୁଧିଷ୍ଠିର ମହନ୍ତ, ମୋର ଅଗ୍ରଜ ପ୍ରତିମ ବିଶିଷ୍ଟ ପ୍ରବଚକ ଶ୍ରୀଯୁକ୍ତ ଦୀପ୍ତିକୁମାର ସିଂହ ଏହି ଗୀତା ଆବୃତ୍ତି କରିଛନ୍ତି ମହନୀୟ ପରମ୍ପରାକୁ ଅବ୍ୟାହତ ରଖି। ପିତାମହଙ୍କ ପିଢ଼ି ପରେ ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ବନ୍ଧୁବର୍ଗ ଥିଲେ ଅନୁଷ୍ଠାନର ମୁଖ୍ୟ ଆକର୍ଷଣ। ୧୯୮୭ ମସିହାରୁ ଗଙ୍ଗାଧର ସାହିତ୍ୟ ପରିଷଦର ସମ୍ପାଦକ ଦାୟିତ୍ୱ ମୁଁ ଗ୍ରହଣ କରିବାପରେ, କେବଳ ବୟସ୍କ ଭଦ୍ରବ୍ୟକ୍ତିବୃନ୍ଦ ନୁହଁନ୍ତି, ଆମ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଆସି ଯୋଗଦାନ କରିଥାନ୍ତି ଏହି ସୌନ୍ଦର୍ଯ୍ୟମୟ ପ୍ରାର୍ଥନା କାର୍ଯ୍ୟକ୍ରମରେ। ମନେପଡୁଛି କୌଣସି ଏକ ବର୍ଷ ଆମ ମହାବିଦ୍ୟାଳୟ ହେଡକ୍ଲାର୍କ ସମ୍ମାନନୀୟ ଯୁଧିଷ୍ଠିର ପଣ୍ଡାଙ୍କୁ ଅନୁରୋଧ କରିଥିଲି ଗୀତାପାଠ ସକାଶେ। ସେହିପରି ଆଉ ଏକାଧିକ ବର୍ଷ ଉକ୍ତ ଦାୟିତ୍ୱ ନିର୍ବାହ କରିଛନ୍ତି ଗଙ୍ଗାଧରଙ୍କ ପ୍ରତ୍ୟକ୍ଷ ସଂସର୍ଗରେ ଆସିଥିବା ଗଙ୍ଗାଧର ପ୍ରତିଭାପୂଜକ ଭାଗୀରଥି ପୂଜାରୀଙ୍କ କନିଷ୍ଠ ପୁତ୍ର ଶ୍ରୀଯୁକ୍ତ ଗୋବିନ୍ଦ ପୂଜାରୀ। ଅନେକ ସମୟରେ ଏପରି ବିଜ୍ଞଜନଙ୍କ ଉପସ୍ଥିତି ସମ୍ଭବ ନହେଲେ ଯେ କୌଣସି ଅଧ୍ୟାପକ ଅଥବା ଛାତ୍ରଛାତ୍ରୀଙ୍କ ଦ୍ୱାରା ସେହି ପରମ୍ପରାକୁ ରଖାଯାଇଛି ଉଜ୍ଜୀବିତ। ତେବେ ଯେଉଁ ସମୟରେ ଯେ କେହି ଉକ୍ତ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତୁ ନା କାହିଁକି, ପରିବେଶର ଗାମ୍ଭୀର୍ଯ୍ୟ, ମାଧୁର୍ଯ୍ୟ ଓ ସୌକୁମାର୍ଯ୍ୟ ରହିଥାଏ ସମାନ ହୋଇ। ଗୋଟିଏ ଜୟନ୍ତୀ ସଭା ବା ସାହିତ୍ୟ ସଭା ଯେତିକି ନିଷ୍ଠାର ସହିତ ଆୟୋଜିତ ହୁଏ, ତାଠାରୁ ଅଧିକ ନୀରବତାର ପ୍ରଗାଢ଼ ପ୍ରଶାନ୍ତି ଅନୁଭୂତ ହୋଇଥାଏ ଏହି ସମୟରେ। କବିଙ୍କ ଜନ୍ମତିଥି ହେଲା ଶ୍ରାବଣ ପୂର୍ଣ୍ଣିମା। ଏହି ସମୟ ଅନେକ ବର୍ଷ ରହିଥାଏ ମେଘାଚ୍ଛନ୍ନ। କେବେ କେବେ ଗୀତାପାଠ ବେଳେ ବର୍ଷାବିନ୍ଦୁ ଝରେ ମେଘାବୃତ୍ତ ଆକାଶ ବକ୍ଷରୁ। ବେଳେବେଳେ ଏହି ବର୍ଷା ଶ୍ରାବଣ- ସଂଗୀତ ଗାନ କରେ ରସୋଚ୍ଛଳ ହୋଇ। ଆଶ୍ଚର୍ଯ୍ୟର କଥା ହେଉଛି, ବର୍ଷା ହେଉଥିଲେ ମଧ୍ୟ ଏହି ମୁହୂର୍ତ୍ତଟିରେ ସମସ୍ତେ ରହିଥାନ୍ତି ସ୍ତବ୍ଧ, ନିରବ, ତପସ୍ୟାମଗ୍ନ। ମନେହୁଏ ସ୍ୱୟଂ ବର୍ଷା ଧାରା ଏହି ଗୀତା ଆବୃତ୍ତିର ସ୍ୱର ଶୁଣିବା ସକାଶେ ହିଁ ଅବତରଣ କରିଥାନ୍ତି ପୃଥିବୀ ପରିସରକୁ। କୌଣସି ବର୍ଷ ଏଥିପାଇଁ ଆଦୌ କୌଣସି ବ୍ୟତିକ୍ରମ ସୃଷ୍ଟି ହୁଏ ନାହିଁ। କାହାରି ମାନସିକ ବିଚଳନ ଘଟେ ନାହିଁ। ପ୍ରତ୍ୟେକ ଉଚ୍ଚକୋଟୀର ଭଦ୍ରଲୋକଙ୍କ ଠାରୁ ଆରମ୍ଭ କରି ନିରୀହ ଓ ସରଳ ଛାତ୍ରଛାତ୍ରୀମାନେ ଧୀରସ୍ଥିର ଚିତ୍ତରେ ଗୀତାପାଠର ମର୍ମଭେଦ କରୁଥାନ୍ତି ଅନ୍ୟମାନଙ୍କ ଦୃଷ୍ଟି ଆଢୁଆଳରେ। ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ଆଗରେ ଗୋଟିଏ ପ୍ରଦୀପ କେବଳ ପ୍ରଜ୍ୱଳିତ ହୋଇ ରହିନାହିଁ। ସେଠାରେ ଉପସ୍ଥିତ ପ୍ରତ୍ୟେକ ସଜ୍ଜନ ସ୍ୱୟଂ ଏବଂ ଏକ ଏକ ଊର୍ଦ୍ଧ୍ୱଚେତା ଶୁଭ୍ର ଦୀପଶିଖା- ଏହା ହିଁ ପ୍ରମାଣିତ ହୋଇଯାଇଛି ସୁଦୀର୍ଘ ବର୍ଷବ୍ୟାପୀ ।

ଯେଉଁଦିନଠାରୁ ବରପାଲିର କର୍ମକ୍ଷେତ୍ରରୁ ମୁକ୍ତ ହୋଇ ଆସିପାରିଛି ବାହାରକୁ, ସବୁଠାରୁ ଅଧିକ ଭାବସାନ୍ଦ୍ର ହୋଇ ରହିଛି ମୋ ଭିତରେ ଏହି ନିଶ୍ଚଳତା, ନୀରବତା, ଶାନ୍ତି ଓ ଶ୍ରଦ୍ଧା ଅଧିକରୁ ଅଧିକ ନିବିଡ଼ ରୂପ ନେଇ ଆତ୍ମିକ ସ୍ତରରେ। ଏହାର ମହତ୍ତର ପ୍ରଭାବ ଟିକେ ମାତ୍ର ମଳିନ ପଡ଼ିଯାଇ ନାହିଁ କୌଣସି ବି ପରିସ୍ଥିତି ମଧ୍ୟରେ। ବରଂ ଯେଉଁ ସମୟରେ ସାଂସାରିକ ଦୁଃଖ ବିଫଳତା ମନକୁ କରିଛି ଭାରାକ୍ରାନ୍ତ ସେହି ସମୟରେ ମୋ ଅଜ୍ଞାତସାରରେ ସମ୍ମୋହିତ ହୋଇ ଉକ୍ତ ସ୍ଥାନରେ କରିଛି ପ୍ରବେଶ। ସେତିକିବେଳେ ଅଶାନ୍ତି, ଅସହାୟତା, ବ୍ୟସ୍ତତା ଅବିନ୍ୟସ୍ତ ଚେତନା- ସବୁକିଛି ହୋଇଯାଇଛି ସୁସ୍ଥିର, ସୁବିନ୍ୟସ୍ତ ଆଉ ସୁଗ୍ରଥିତ। କେତେକେତେ କାର୍ଯ୍ୟକ୍ରମରେ ଜୀବନସାରା ଅଂଶଗ୍ରହଣ କରି ଆସିଛି, ମାତ୍ର କବିଙ୍କ ପ୍ରତିମୂର୍ତ୍ତି ନିକଟରେ ଭଗବତ ଗୀତାର ଏହି ଶ୍ଲୋକାବୃତ୍ତି ରହିଛି ଏକ ଶ୍ରେଷ୍ଠ ଉପଲବ୍ଧି ଓ ଆଶୀର୍ବାଦ ହୋଇ।

♥ ପରିଦର୍ଶକ ପ୍ରଫେସର,
ଉତ୍କଳ ବିଶ୍ୱବିଦ୍ୟାଳୟ

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



ବାଲିଆପାଳ ୧/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଅନ୍ତର୍ଗତ ସିମୁଳିଆ କ୍ଲଷ୍ଟର ଓ ବ୍ଲକ ଲେବୁଲ ଆନୁକୂଲ୍ୟରେ କ୍ଲଷ୍ଟର ସ୍ତରୀୟ 'ନିପୁଣ ଓଡ଼ିଶା ମେଳା ' ସିମୁଳିଆ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ଟି କ୍ଲଷ୍ଟର ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ବାଲିଆପାଳ ବ୍ଲକ ଗୋଷ୍ଠି ଶିକ୍ଷାଅଧିକାରୀ ସୁଧାଶୁ ସେଖର ଜେନା ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେଅଧକ୍ଷ ଡିଟାଏଲଟାଇଟାଡି ଲଙ୍ଗଳେଶ୍ୱର ସଞ୍ଜୟ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଏ.ବି.ଇ.ଓ- କମ୍-ବିଆରସିସି. ନମିତା ପ୍ରଭା ସାମଲ , ସମ୍ମାନିତ ଅତିଥି ଭାବେ ଅବିଡିଓ ଶରତ କୁମାର ମୁଦିଲୀ, ଜିପିଓ ପ୍ରିୟବ୍ରତ ଗିରି,ଏବିଇଓ ଗୀତାରାଣୀ ସାହୁ,ସିମୁଳିଆ ଉପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରଶ୍ମି ବାଡ଼ି ସମିତି ସଦ୍ୟସ ସୁଶାନ୍ତ ସେଠି,ଲମ୍ବୁଧର ମହାନା,ସିଆରସିସି ଅଶୋକ ଗିରି, ପରିଚାଳନା ସଭାପତି ରାମକୃଷ୍ଣ ସାହୁ,ଶିକ୍ଷକ/ ଶିକ୍ଷିକାଗଣ ତଥା ଭରତ ଚନ୍ଦ୍ର ଜେନା, ଦିଲ୍ଲିପ କୁମାର ସାହୁ, ମଞ୍ଜୁଲତା ମହାନ୍ତି, ୟୋଶୋବନ୍ତ ଜେନା,ସମେତ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ବିଭିନ୍ନ ୱାର୍ଡର ସଭ୍ୟସଭ୍ୟା, କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଅଭିଭାବକଗଣ ଯୋଗ ଦେଇଥିଲେ। ଅଭିନବ ଶିକ୍ଷାଦାନ ପ୍ରଣାଳୀ, ସଚେତନତା ସୃଷ୍ଟି ଓ ଗୋଷ୍ଠୀର ସମ୍ପୃକ୍ତି ବୃଦ୍ଧି,ସର୍ବୋତ୍ତମ ଅଭ୍ୟାସ ପ୍ରୋତ୍ସାହିତ ଏବଂ ପ୍ରଦର୍ଶିତ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମଞ୍ଚାସୀନ ଅତିଥି ଗଣ ବକ୍ତବ୍ୟ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କର ଜ୍ଞାନର ଅଭିବୃଦ୍ଧି ପାଇଁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ସୃଜନଶୀଳତାର ଉପକରଣମାନ ପ୍ରଦର୍ଶିତ ହୋଇଥିଲା ଏବଂ ଆସିଥିବା ଅଭିଭାବକମାନେ ନିଜ ନିଜର ମତାମତ ଦେଇଥିଲେ । କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।

# ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାସୁଦେବପୁର, ୧/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ଜୟକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ ଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପତି ସଭାପତିତ୍ୱ କରିଥିଲେ। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ କବି ସୁଧାଂଶୁ ଶେଖର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ଦାସ , ଆର୍ତ୍ତ ତ୍ରାଣ ଦାସ, ହୃଷୀକେଶ ପଣ୍ଡା, ବିଜୟ ଭୂଷଣ ଦୀକ୍ଷିତ, ପଦ୍ମନାଭ ଦାଶ, କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ, ବାବାଜି ଚରଣ ସାମଲ ଓ ରମାକାନ୍ତ ନାୟକ। ଏହି ଉତ୍ସବରେ ବାଇ ଚଢେଇ ସମ୍ପାଦକ କବି ବିକାଶ ଶତପଥୀ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ ଙ୍କ ସଂମ୍ପର୍କରେ ଏକ ଅଭିନନ୍ଦନିକା ସେବକ ସଦାନନ୍ଦ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଥିଲା। ଏହି ଉତ୍ସବରେ ଅମୂଲ୍ୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଝାନସୀ ରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବିଦାୟୀ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ ଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା। ବିଦ୍ୟାଳୟ ର ଏହି ମଧୁର ପରିବେଶରେ ସମସ୍ତ ଛାତ୍ର ଛାତ୍ରୀ ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପଣ୍ଡିତ ଦୟାନିଧି ଦାଶ ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ବଦଳି ଅବସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା



ବାରିପଦା , ୧/୨ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୟୁରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ଅବିନାଶ ପାଣିଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ କୁ ମାନ୍ୟବର ମୁଖମନ୍ତ୍ରୀଙ୍କ ପି ଆର ଓ ଭାବେ ବଦଳି ହୋଇଥିବାରୁ ସେ ଆଜି ଅପରାହ୍ନ ରେ ତା'ଙ୍କ କାର୍ଯ୍ୟଭାର ରାଇରଙ୍ଗପୁର ରେ କାର୍ଯ୍ୟରତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତିଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ରେ ଏକ ବିଦାୟୀକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇ ଉକ୍ତ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଶ୍ରୀ ପାଣିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନ ଭରା ଶୁଭେଚ୍ଛା ଜଣାଇବା ସହ ଯୋଗ ଦେବାକୁ ଯାଉଥିବା ନୂତନ ପଦବୀ ତଥା ନୂତନ କାର୍ଯ୍ୟ କ୍ଷେତ୍ରରେ ଉତ୍ତରୋତ୍ତର ସଫଳତା କାମନା କରି ଅନେକ ଅନେକ ଶୁଭକାମନା ଜଣାଇ ଥିଲେ। ପ୍ରକାଶ ଥାଉକି ଶ୍ରୀ ପାଣି ଓଡିଶା ସରକାର ଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରେ ନିଯୁକ୍ତି ପାଇଲା ପରେ ପ୍ରଥମେ ଉଦଳା ଉପଖଣ୍ଡ ର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଜୁନ ୨୦୨୩ ରେ ତାଙ୍କର ଚାକିରୀ ଜୀବନ ଆରମ୍ଭ କରିଥିଲେ ଏବଂ ପରେ ପରେ ନଭେମ୍ବର ୨୦୨୩ ରେ ମୟୁରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଅବସ୍ଥାପିତ ହୋଇ ଆଜି ପର୍ଯ୍ୟନ୍ତ ତାଙ୍କର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସୁଥିଲେ। ସେହିପରି ଆଜି ଉକ୍ତ କାର୍ଯ୍ୟାଳୟ ଅଧୀନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଶ୍ରୀ ରାମେଶ୍ୱର ବେସ୍ରା ଓ ଶ୍ରୀ ଶ୍ରୀହରି ଦାସ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୟସ ୬୦ବର୍ଷ ପୂର୍ଣ୍ଣ ହୋଇଥିବାରୁ ସେମାନେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି ।ଏହି ଅବସରରେ ସେମାନଙ୍କୁ ମଧ୍ୟ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସଙ୍ଗେ ଅବସର ପରବର୍ତ୍ତୀ ଜୀବନ ସୁସ୍ଥ,ନିରୋଗ ଓ ଶାନ୍ତିରେ ଅତିବାହିତ ହେବା ନେଇ ଈଶ୍ୱରଙ୍କୁ ପ୍ରାର୍ଥନା କରାଯାଇଥିଲା ଏବଂ ସେମାନଙ୍କୁ ଅବସର କାଳୀନ ମାସିକ ପେନସନର ପ୍ରଭିଜନାଲ ମଞ୍ଜୁରୀ ଆଦେଶ କାର୍ଯ୍ୟାଳୟ ର ମୁଖ୍ୟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଆଜିର ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସରୋଜ କୁମାର ପ୍ରଧାନ, ନିକ୍ଷେପକ ଶ୍ରୀ ଶ୍ରୀକାନ୍ତ ବେହେରା, ଜେ ଆର ଏ ଶ୍ରୀ ଲଳିତ ନାୟକ, ଗ୍ରନ୍ଥାଗାରିକ ଶ୍ରୀ ହରିଶ ମହାପାତ୍ର, ମିସ ଛିଟା ସୋରେନ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶ୍ରୀ ରବି ନାଏକ, ଶ୍ରୀ ଶିବ ଶଙ୍କର ଦତ୍ତ,ଶ୍ରୀ ଅଜିତ ମହାପାତ୍ର ଓ କରୁଣାକର ମହାନ୍ତ ଉପସ୍ଥିତ ଥିଲେ।

## ଭାରତ -ବାଂଲାଦେଶ ସୀମାରେ ଦୁଇ ବାଂଲାଦେଶୀ ନାଗରିକ ଗିରଫ

ଗୁୱାହାଟୀ , ୧/୨ : ଆସାମ ପୋଲିସ ଭାରତ ବାଂଲାଦେଶ ଆନ୍ତରାଷ୍ଟ୍ରୀୟ ସୀମା ନିକଟରୁ ଦୁଇ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି ।ଗିରଫ ବ୍ୟକ୍ତି ସୁବର୍ଣ୍ଣା ଇସ୍ଲାମ କୁଲେ ଏବଂ ମୋହମ୍ମଦ ହଜରତ ଅଲ୍ଲୀ ବୋଲି ଜଣାପଡିଛି ।ଆସାମ ମୁଖ୍ୟମନ୍ତ୍ରୀ ଡା.ହିମନ୍ତ ବିଶ୍ୱ ସରମା ରାଜ୍ୟରେ ଅନୁପ୍ରବେଶକୁ ରୋକିବା ପାଇଁ ଆସାମ ପୋଲିସର ନିରନ୍ତର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

ସେ କହିଛନ୍ତି ଯେ ଆଜି ଆସାମ ପୋଲିସ ଭାରତ ବାଂଲାଦେଶ ଅନ୍ତରାଷ୍ଟ୍ରୀୟ ସୀମା ନିକଟରେ ସୁବର୍ଣ୍ଣା ଇସ୍ଲାମ କୁଲେ ଏବଂ ମୋହମ୍ମଦ ହଜରତ ଅଲୀ ନାମକ ଦୁଇ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି। ପରେ ସେମାନଙ୍କୁ ପୁଣି ସୀମା ପାର କରି ପଠାଇଦିଆଯାଇଛି।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୧/୨ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ମହିଷାପଦାର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କବିତା ମହାପାତ୍ର ଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ଖମାରୀ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ବାସୁଦେବପୁର କ୍ଲଷ୍ଟର ସଂଯୋଜକ ଗୋଲାପ ସୁନ୍ଦର ନାୟକ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ ଦ୍ୱିବେଦୀ,ରମ୍ଭାମଣି ପଣ୍ଡା, ଏ ବି ଇ ଓ ଉର୍ମିଳା କର , ନିଖିଳ ଉତ୍କଳ ଶିକ୍ଷକ ଫେଡରେସନ ସଭାପତି ଶାନ୍ତନୁ ପଳିତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖଗେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାପାତ୍ର ଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନେକ ଶୁଭେଚ୍ଛୁ, ଛାତ୍ର, ଛାତ୍ରୀ,ଶିକ୍ଷକ ,ଶିକ୍ଷୟିତ୍ରୀ ଶ୍ରୀମତୀ କବିତା ମହାପାତ୍ର ଙ୍କୁ ଗୀତା ପୁସ୍ତକ, କଲମ, ବିଭିନ୍ନ ପ୍ରକାର ବହି, ଚାଦର, ଛତା, ଫଟୋ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ମହାନ୍ତି ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଏକ କବିତା ପାଠ କରିଥିଲେ। ବିଷ୍ଣୁ ମୋହନ ଦାସ, ମାଧବ ଚନ୍ଦ୍ର ପୁହାଣ,କମଳା ମଣି ନାୟକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶିକ୍ଷକ ଶଶିକାନ୍ତ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସରୋଜିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦାୟୀ ଶିକ୍ଷୟିତ୍ରୀ କବିତା ମହାପାତ୍ର ଙ୍କ ଦ୍ୱାରା ବିଦ୍ୟାଳୟର ୧୧୩ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷଣୀୟ ପୁସ୍ତକ ଓ କଲମ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଖୁବ୍ ସୁନ୍ଦର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କବି ରଞ୍ଜନ ନାୟକ ମଞ୍ଚ ସଂଯୋଜନା କରିଥିଲେ।

# ବଳରାମପୁର ସରସ୍ୱତୀ ଶିଶୁ ମନ୍ଦିରର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାଲିଆପାଳ ୧.୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରିହର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ନିତ୍ୟାନନ୍ଦ ପାଣିଗ୍ରାହୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ, ମୁଖ୍ୟ ବକ୍ତା ଭାବରେ ସୋର କେନାଲ ଡିଭିଜନ ର ସହକାରୀ ଯନ୍ତ୍ରୀ ସୁଧୀର କୁମାର ପରିଡା ଯୋଗଦେଇ ଶିକ୍ଷା ର ଗୁଣାତ୍ମକ ମୂଲ୍ୟବୋଧ ଉପରେ ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେବା ସହ କଠିନ ପରିଶ୍ରମ କଲେ ନିଶ୍ଚୟ ସଫଳତା ମିଳିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ର ପ୍ରତିଷ୍ଠାତା ଗଜେନ୍ଦ୍ର ନାଥ ସାହୁ , ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସେଠୀ, କୁଞ୍ଜବିହାରୀ ଦାସ ଅଧିକାରୀ, ବିଦ୍ୟୁତ ପରିଷଦ ର ସଭାପତି ଗିରିଜା ଶଙ୍କର ସାହୁ , ବାଞ୍ଛାନିଧି ସାହୁ , ବିଦ୍ୟୁତ ପରିଷଦ ସଦସ୍ୟ ସନ୍ତୋଷ କୁମାର ଗିରି, ପରିଚାଳନା କମିଟି ର ସମ୍ପାଦକ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ, ଏହି ଅବସର ରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଓଡଶୀ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରା ଯିବା ସହ ବିଦ୍ୟାଳୟ ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତା ରେ କୃତକାର୍ଯ୍ୟ କରିଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ବିତରଣ କରା ଯାଇ ଥିଲା, ବିଦ୍ୟାଳୟ ର ଶିକ୍ଷକ ନିରଞ୍ଜନ ଦାସ , ସୁମନ ସାହୁ , ପ୍ରକାଶ ବାରିକ, ଶିକ୍ଷୟିତ୍ରୀ ମଧୁମିତା ଗିରି, ରାଜଶ୍ରୀ ପ୍ରଧାନ, ରାକ୍ଷୀ ଦାସ , କସ୍ତୁରୀ ପାଣିଗ୍ରାହୀ ଙ୍କ ସମେତ ମାତୃଭାରତୀ ର ସମସ୍ତ ମହିଳା ପରିଚାଳନା କରିଥିଲେ, ସଂଧ୍ୟା ରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଗୀତନାଟ୍ୟ ଦାସିଆ ବାଉରୀ ଅନୁଷ୍ଠିତ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା ।


**AFFIDAVIT**

An affidavit before the executive Magistrate Basudevpur I, M.M RITUPURNA DAS, aged about 20 years, D/o- Gnanendra Kumar Das, residing Village- P.o- Ps- Basudevpur, Dist- Bhadrak declare that in my Aadhar Card bearing No- 395105031986 my name has been mentioned as "M.M RITUPURNA DAS" but in my LIC Policy bond bearing No- 586253116 my name has been mentioned as RITUPURNA DAS. So both the name is one and same person. So I have to change my name from RITUPURNA DAS to M.M RITUPURNA DAS for necessary action and step. Henceforth I will be known as M.M RITUPURNA DAS in all purpose.

M.M RITUPURNA DAS


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୨୦୨୫-୨୬: ୫ ଲକ୍ଷ ୪୧...

ସେହିପରି ୧୮ ଲକ୍ଷ ଆୟ ଉପରେ ୭୦ ହଜାର ଓ ୨୫ ଲକ୍ଷ ଟଙ୍କା ଆୟ ଉପରେ ୧ ଲକ୍ଷ ୧୦ ହଜାର ଟଙ୍କାର ଫାଇଦା ପାଇବେ ଆୟକରଦାତା। ହେଲେ କ୍ୟାପିଟାଲ୍ ଗେନ୍ ଭଳି ସ୍ୱତନ୍ତ୍ର ଆୟ ଉତ୍ସ ଥିବା ଟିକସଦାତାଙ୍କୁ ନୂଆ ସ୍ଲାବ୍ ଅନୁଯାୟୀ ଭରିବାକୁ ହେବ ଟିକସ। ପୂର୍ବରୁ ୩ ଲକ୍ଷ ଟଙ୍କା ଯାଏଁ ଶୂନ୍ୟ ଟିକସ ଥିବା ବେଳେ ଏବେ ଏହାକୁ ୪ ଲକ୍ଷକୁ ବୃଦ୍ଧି କରାଯାଇଛି। ସେହିପରି ୩ରୁ ୭ଲକ୍ଷ ପର୍ଯ୍ୟନ୍ତ ଆୟକର ୫ ପ୍ରତିଶତ ପଡୁଥିବା ବେଳେ ଏବେ ଏଇ ସ୍ଲାବ୍ ୪ରୁ ୮ ଲକ୍ଷ କରାଯାଇଛି। ୭ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଆୟକର ୧୦ ପ୍ରତିଶତ ପଡୁଥିବା ବେଳେ ଏହାକୁ ୮ରୁ ୧୨ ଲକ୍ଷ, ୧୦ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ଟ୍ୟାକ୍ସ ସ୍ଲାବ୍ ୧୫ ପ୍ରତିଶତ ଥିବା ବେଳେ ଏହାକୁ ୧୨ରୁ ୧୬ ଲକ୍ଷ, ୧୨ରୁ ୧୫ ଲକ୍ଷ ଯାଏଁ ଆୟକର ୨୦ ପ୍ରତିଶତ ପଡୁଥିବା ବେଳେ ଏବେ ଏହାକୁ ୧୬ରୁ ୨୦ ଲକ୍ଷ ଯାଏଁ ବଢ଼ାଯାଇଛି। ସେହିପରି ପୂର୍ବରୁ ୧୫ ଲକ୍ଷରୁ ଅଧିକ ଆୟ ପାଇଁ ୩୦ ପ୍ରତିଶତ ଆୟକର ଦେବାକୁ ପଡୁଥିବା ବେଳେ ଏଥିରେ ବଡ଼ ରିହାତି ଦେଇ ୨୦ରୁ ୨୪ ଲକ୍ଷ ଆୟ ପାଇଁ ୨୫ ପ୍ରତିଶତ ଏବଂ ୨୪ ଲକ୍ଷରୁ ଅଧିକ ଆୟ ପାଇଁ ଟ୍ୟାକ୍ସକୁ ୩୦ ପ୍ରତିଶତ ରଖାଯାଇଛି। ବରିଷ୍ଠ ନାଗରିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ଲାଗି ଟ୍ୟାକ୍ସ ଡିଡକ୍ସନକୁ ୫୦ ହଜାରରୁ ଡବଲ୍ କରି ଲକ୍ଷେ ଟଙ୍କା କରିଛନ୍ତି ଅର୍ଥମନ୍ତ୍ରୀ। ଏମିତିକି ପୂର୍ବରୁ ବାର୍ଷିକ ୨ ଲକ୍ଷ ୪୦ ହଜାର ଟଙ୍କାର ଘରଭଡ଼ା ଉପରେ ଟିଡିଏସ ଲାଗୁଥିବା ବେଳେ ଏହାକୁ ୬ ଲକ୍ଷ ଟଙ୍କାକୁ ବଢ଼ାଯାଇଛି। କେବଳ ସେତିକି ନୁହେଁ, ଏଣିକି ଅପଡେଟେଡ୍ ରିଟର୍ଣ୍ଣ ଫାଇଲିଂର ସମୟସୀମାକୁ ଦୁଇ ବର୍ଷ ପରିବର୍ତ୍ତେ ୪ ବର୍ଷ କରାଯାଇଛି। ଇନକମ୍ ଟ୍ୟାକ୍ସରେ ଏସବୁ ସଂସ୍କାର କାରଣରୁ ସରକାରଙ୍କ ପାଖକୁ ଯାଉଥିବା ଲକ୍ଷେ କୋଟି ଟଙ୍କାର ରାଜସ୍ୱ ମଧ୍ୟବିତ୍ତଙ୍କ ହାତକୁ ଯିବ ବୋଲି ସୂଚନା ଦେଇଛନ୍ତି ଅର୍ଥମନ୍ତ୍ରୀ। ଅଷ୍ଟମ ଥର ବଡ ବଜେଟ୍ ଉପସ୍ଥାପନ କରୁଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏଥିରେ ସେ କୃଷକ, ମହିଳା, ଯୁବଗୋଷ୍ଠୀଙ୍କୁ ଗୁରୁତ୍ୱ ଦେବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଦେଶରେ ପ୍ରାଥମିକ ସ୍ତରରୁ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି ମୋଦୀ ସରକାର। ସକ୍ଷମ ଅଙ୍ଗନବାଡି ଯୋଜନା ଦ୍ୱାରା ୮ କୋଟି ପିଲା ଉପକୃତ ହେବେ । ଏହାସହ ୧ କୋଟି ଗର୍ଭବତୀ ମହିଳା, ୨୦ ଲକ୍ଷ ଅପପୁଷ୍ଟି ପିଲା ଉପକୃତ ହେବେ । ଏହାସହ ଶିକ୍ଷା ବ୍ୟବସ୍ଥାରେ ବିପ୍ଳବ ଆଣିବାକୁ ପ୍ରତି ହାଇସ୍କୁଲରେ ଡିଜିଟାଲ ବ୍ୟବସ୍ଥା କରାଯିବ। ସବୁ ସ୍କୁଲକୁ ବ୍ରଡବ୍ୟାଣ୍ଡ ସୁବିଧା ଯୋଗାଇଦିଆଯିବ। ଦେଶରେ ସ୍ୱାସ୍ଥ୍ୟସେବାର ଅଗ୍ରଗତି ପାଇଁ ୧୦ ବର୍ଷରେ ମେଡିକାଲ ସିଟ୍ ୧.୧ ଲକ୍ଷ ବୃଦ୍ଧି କରାଯିବ। ସବୁ ଜିଲ୍ଲାରେ କ୍ୟାନ୍ସର ହସ୍ପିଟାଲ୍ ପ୍ରତିଷ୍ଠା କରାଯିବ। ଆବଶ୍ୟକ ଡାକ୍ତର ରହିବେ । ଆସନ୍ତା ୩ ବର୍ଷରେ ଲକ୍ଷ୍ୟ ପୂରଣ କରାଯିବ ବୋଲି କହିଛନ୍ତି ସୀତାରମଣ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବ ବ୍ରଡବ୍ୟାଣ୍ଡ ସୁବିଧା। ୨୦୦ ଡେ' କେୟାର ମେଡିକାଲ ସେଣ୍ଟର ଖୋଲିବ। ସବୁ ସରକାରୀ ହସ୍ପିଟାଲରେ କ୍ୟାନ୍ସର ସେଣ୍ଟର ରହିବ । ଏହାସହ ମେଡିକାଲ କଲେଜରେ ୭୫ ହଜାର ସିଟ ବଢିବ । ସ୍ୱାସ୍ଥ କ୍ଷେତ୍ରରେ ଏହି ଲକ୍ଷ୍ୟ ପୂରଣ ପାଇଁ ୫ ବର୍ଷ ଧାର୍ଯ୍ୟ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ବଜେଟ୍ ଉପସ୍ଥାପନ କରି ଚାଷୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି। ବଜେଟରେ ପ୍ରଧାନମନ୍ତ୍ରୀ କୃଷି ଧନ ଜନ ଯୋଜନାକୁ ଗୁରୁତ୍ୱ ଦେବା ସହ ଅର୍ଥମନ୍ତ୍ରୀ କିସାନ୍ କ୍ରେଡିଟ୍ କାର୍ଡର ଲିମିଟ୍ କେନ୍ଦ୍ର ସରକାର ବୃଦ୍ଧି କରିଥିବା ନେଇ ଘୋଷଣା କରିଛନ୍ତି । ପୂର୍ବରୁ ଏହା ୩ ଲକ୍ଷ ଟଙ୍କା ରହିଥିବା ବେଳେ,ଏବେ ଏହାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ବଜେଟ୍ ବିକାଶକୁ ନୂଆ ଦିଗ ଦେବ। ସମସ୍ତଙ୍କ ବିକାଶ, ମଧ୍ୟବିତ୍ତଙ୍କ କ୍ଷମତା ବୃଦ୍ଧି କରିବାକୁ ଏହି ବଜେଟ୍ ସମର୍ପିତ। ଯୁବ ଚାଷୀ, ଗ୍ରାମୀଣ ମହିଳା ଏବଂ ଛୋଟ ଛୋଟ ଚାଷୀଙ୍କ ଉପରେ ଏହି ବଜେଟରେ ଫୋକସ୍ କରାଯାଇଛି । ତେବେ ପ୍ରଧାନମନ୍ତ୍ରୀ କୃଷି ଧନ ଜନ ଯୋଜନାକୁ ରାଜ୍ୟ ସରକାରଙ୍କ ସହ ମିଶି ଚଳାଇବେ କେନ୍ଦ୍ର ସରକାର । ଯାହାର ଫାଇଦା ୧.୭ କୋଟି ଚାଷୀଙ୍କୁ ମିଳିପାରିବ । ପ୍ରଥମ ପର୍ଯ୍ୟାୟରେ ୧୦୦ଟି ବିକାଶଶୀଳ କୃଷି ଜିଲ୍ଲାକୁ ଏଥିରେ ସାମିଲ କରାଯିବ । ଅର୍ଥମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି, ୬ ବର୍ଷିଆ ସ୍କିମ୍ ସରକାର ଆରମ୍ଭ କରିବାକୁ ଯାଉଛନ୍ତି। ବିହାରରେ ଏକ ମକାନା ବୋର୍ଡ ଗଠନ କରାଯିବ। ମକାନା ବୋର୍ଡ ବିହାର କୃଷକଙ୍କୁ ତାଲିମ ପ୍ରଦାନ କରିବ। ମତ୍ସ୍ୟ ଉତ୍ପାଦନରେ ଭାରତ ସାରା ବିଶ୍ୱରେ ଦ୍ୱିତୀୟ। ବଜେଟରେ ବଡ଼ ଘୋଷଣା । ଆସନ୍ତା ସପ୍ତାହରେ ଆସିବ ନୂଆ ଆୟକର ଆଇନ୍ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଅଭିଭାଷଣ ରଖିବା ସମୟରେ ଏକ ବଡ଼ ଘୋଷଣା କରିଛନ୍ତି । ସୂଚନା ମୁତାବକ, ଆସନ୍ତା ସପ୍ତାହରେ ଆସିବ ନୂଆ ଆୟକର ଆଇନ୍ । ମିଳିଥିବା ସୂଚନା ମୁତାବକ, ନୂଆ ଆୟକର ଆଇନରେ ନିୟମ ସରଳ ଭାଷାରେ ଲେଖାଯିବା ସହିତ ସାଧାରଣ ଲୋକମାନେ ଯେଭଳି ଏହାକୁ ବୁଝିପାରିବେ, ସେନେଇ ବ୍ୟବସ୍ଥା କରାଯିବ । ଏହାସହ ଅନାବଶ୍ୟକ ଏବଂ ଅପ୍ରଚଳିତ ନିୟମକୁ ହଟାଯିବ । ଏହାସହ କର ବିବାଦକୁ ମଧ୍ୟ କମ କରାଯିବ । ଏଥିପାଇଁ ପାଖାପାଖି ୬୫୦୦ ମତାମତ ଗ୍ରହଣ କରାଯାଇଛି ବୋଲି ସୂଚନା ରହିଛି । ସେପଟେ ବଜେଟରେ ବିହାର ପାଇଁ ବଡ଼ ଘୋଷଣା । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶର ବଜେଟରେ, ବିହାର ରାଜ୍ୟ ପାଇଁ କିଛି ବଡ଼ ଘୋଷଣା କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହାର ଚାହିଦାକୁ ପୂରଣ କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି । ଯେଉଁଥିରେ ବିହାରରେ ଗ୍ରୀନଫିଲ୍ଡ ବିମାନ ବନ୍ଦରର ସୁବିଧା ପ୍ରଦାନ କରାଯିବ । ଏହାସହ ପାଟନା ବିମାନ ବନ୍ଦରର ମଧ୍ୟ କ୍ଷମତାକୁ ବଢାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ପାଟନା ଆଇଆଇଟିର ସିଟ୍ ସଂଖ୍ୟାରେ ବୃଦ୍ଧି କରାଯିବ । ଆଉ ସେଠାରେ ଥିବା ହଷ୍ଟେଲ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରାଯିବ । ଖାଲି ସେତିକି ନୁହେଁ, ପାଟନା ଆଇଆଇଟିରେ ଏବଂ ସଂରଚନାକୁ ଗୁରୁତ୍ୱ ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ରେକର୍ଡ ୬.୮୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା କି ପୂର୍ବ ବର୍ଷ ତୁଳନାରେ ୯.୫୩% ଅଧିକ। ଏହି ରାଶି ଦେଶର ଆନୁମାନିକ ଜିଡିପିର ୧.୯୧ ପ୍ରତିଶତ। ୬.୮ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ବଜେଟ୍ ମଧ୍ୟରୁ ୧.୮ ଲକ୍ଷ କୋଟି ଟଙ୍କା ପୁଞ୍ଜି ବ୍ୟୟ ପାଇଁ ଆବଣ୍ଟନ କରାଯାଇଛି। ଅର୍ଥାତ ଏହି ଅର୍ଥନୂଆ ଅସ୍ତ୍ରଶସ୍ତ୍ର, ବିମାନ, ଯୁଦ୍ଧ ଜାହାଜ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ କିଣିବାରେ ବ୍ୟବହୃତ ହେବ। ୬.୮ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ବଜେଟ୍ ମଧ୍ୟରୁ ୧.୮ ଲକ୍ଷ କୋଟି ଟଙ୍କା ପୁଞ୍ଜି ବ୍ୟୟ ପାଇଁ ଆବଣ୍ଟନ କରାଯାଇଛି। ଅର୍ଥାତ ଏହି ଅର୍ଥନୂଆ ଅସ୍ତ୍ରଶସ୍ତ୍ର, ବିମାନ, ଯୁଦ୍ଧ ଜାହାଜ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ କିଣିବାରେ ବ୍ୟବହୃତ ହେବ। ସଶସ୍ତ୍ର ବାହିନୀ ପାଇଁ ପୁଞ୍ଜି ବଜେଟ୍ ଅଧୀନରେ ୧.୮୦ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ସେନାର ଆଧୁନିକୀକରଣ ଏକ ପ୍ରମୁଖ ଫୋକସ୍ କ୍ଷେତ୍ର । ଘରୋଇ ଶିଳ୍ପରୁ କ୍ରୟ ପାଇଁ ୧.୧୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରତିରକ୍ଷା ଭତ୍ତା ପାଇଁ ଆବଣ୍ଟନ ୧୪% ବୃଦ୍ଧି କରାଯାଇଛି। ଇସିଏଚ୍ଏସ୍ ପାଇଁ ୮,୩୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ବଜେଟରେ ୧୨% ବୃଦ୍ଧି ଘଟିଛି। ଆଇସିଜି ପାଇଁ ପୁଞ୍ଜି ବଜେଟରେ ୪୩% ବୃଦ୍ଧି ଘଟିଛି। କ୍ୟାପିଟାଲ ହେଡ୍ ଅଧୀନରେ ବିଆରଓକୁ ୭,୧୪୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ୨୦୨୪-୨୫ ବଜେଟରେ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ୬.୨୧ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ଏହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୪.୭୯ ପ୍ରତିଶତ ଅଧିକ ଥିଲା। ଅର୍ଥମନ୍ତ୍ରୀ ଆଜି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ସଂସଦରେ ଉପସ୍ଥାପନ କରିଛନ୍ତି । ଏଥିରେ କେନ୍ଦ୍ରୀୟ ଯାଂଚ ଏଜେନ୍ସି ବା ସିବିଆଇକୁ ୧,୦୭୧,୦୫ କୋଟି ଟଙ୍କା ଆବଣ୍ଟିତ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଅର୍ଥାତ ୨୦୨୪-୨୫ ବଜେଟରେ ସବିଆଇ ପାଇଁ ୯୫୧,୪୬ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା । ପରେ ଏହାକୁ ସଂଶୋଧନ କରି ୯୮୬,୯୩ କୋଟି ଟଙ୍କା କରାଯାଇଥିଲା । ବଜେଟ ଦସ୍ତାବିଜ୍ ମୁତାବକ ସିବିଆଇ ଏହି ଅର୍ଥକୁ ଭିତ୍ତିଭୂମି ବିକାଶ ଓ ଅନ୍ୟ ଆବଶ୍ୟକତା ପୂରଣ ପାଇଁ ଖର୍ଚ୍ଚ କରିବ । ସରକାର ସ୍ପଷ୍ଟ କରିଛନ୍ତି କି, ଏହି ଅର୍ଥରାଶି ଏଜେନ୍ସିକୁ ଲୋକସେବକ, ବ୍ୟକ୍ତିଗତ, କମ୍ପାନୀ ଏବଂ ଅନ୍ୟାନ୍ୟ ଗମ୍ଭୀର ମାମଲାର ତଦନ୍ତ ଓ ଅଭିଯୋଗରେ ସାହାଯ୍ୟ କରିବା ପାଇଁ ବିନିଯୋଗ କରାଯିବ । ସିବିଆଇର ବଜେଟ୍ ବୃଦ୍ଧି ସହିତ ଏଜେନ୍ସିର କାର୍ଯ୍ୟକ୍ଷମତା ବଢାଇବା ପାଇଁ କେତକ ସକରାତ୍ମକ ପଦକ୍ଷେପ ଉଠାଯାଇଛି । ଭୂମି କ୍ରୟ, କାର୍ଯ୍ୟାଳୟ ଏବଂ ଆବାସିକ ଭବନଗୁଡିର ନିର୍ମାଣ ସିବିଆଇ ଅଧିକାରୀଙ୍କ ପାଇଁ ଉତ୍ତମ କାର୍ଯ୍ୟ ପରିବେଶ ସୁରକ୍ଷିତ କରିବ । ଯାହା ସେମାନଙ୍କ କାର୍ଯ୍ୟଦକ୍ଷତାର ସୁଧାର କରିପାରିବ ।

## ବଜେଟ ବିକଶିତ ...

କେନ୍ଦ୍ର ସରକାରଙ୍କ ୨୦୨୫-୨୬ ବଜେଟକୁ ବିକଶିତ ଭାରତ ପାଇଁ ବଜେଟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଏହି ବଜେଟରେ ମହିଳା ଉଦ୍ୟୋଗୀଙ୍କୁ ପାଇଁ ନୂତନ ସୁଯୋଗ ସହ ଆତ୍ମନିର୍ଭର କରିବା ନିମନ୍ତେ ବ୍ୟାପକ ବ୍ୟବସ୍ଥା ହୋଇଛି। ମୋଟ ୫ ଲକ୍ଷ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ମହିଳା ଉଦ୍ୟୋଗୀଙ୍କୁ ଆଗାମୀ ୫ ବର୍ଷରେ ୨ କୋଟି ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। କୃଷି ଏବଂ କୃଷକଙ୍କ ବିକାଶକୁ ପ୍ରାଧାନ୍ୟ ଦେଇ ଆରମ୍ଭ ହେବ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'। ଦେଶର ମୋଟ ୧୦୦ଟି ଖାଇବା ତେଲରେ ଭାରତକୁ ଆତ୍ମନିର୍ଭର କରିବା ନିମନ୍ତେ ଆରମ୍ଭ ହେବ ୬ ବର୍ଷିଆ ସ୍ୱତନ୍ତ୍ର ଯୋଜନା। ଦେଶରେ ଏମଏସଏମଇ ବିକାଶର ଦ୍ୱିତୀୟ ଇଞ୍ଜିନ ହୋଇଛି ଓ ୭.୫ କୋଟି ଏମଏସଏମଇ କର୍ମଚାରୀଙ୍କ ଉପରେ ଫୋକସ୍ କରାଯାଇଛି। ଏହି କ୍ଷେତ୍ର ପାଇଁ ଅଧିକ ଋଣ ମଞ୍ଜୁରୀ କରାଯିବ। ଯାହାଦ୍ୱାରା ଯୁବବର୍ଗ ଅଧିକ ନିଯୁକ୍ତି ପାଇବେ।

## ବଜେଟ୍ ୨୦୨୫...

ବେଶୀ ଫୋକସ୍ କରିଥିଲେ । ଯାହାକୁ ନେଇ ବିବାଦ ମଧ୍ୟ ଆରମ୍ଭ ହେଇଥିଲା । ଖାସ୍ କରି ନୀତିଶ ଏବଂ ଚନ୍ଦ୍ରବାବୁ ନାଇଡୁଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ଏପରି କରୁଥିବା ବିରୋଧୀ ଅଭିଯୋଗ କରିଥିଲେ । ଆଉ ଏବେ ପୂର୍ଣ୍ଣାଙ୍ଗ ବଜେଟରେ ମଧ୍ୟ ବିହାର ପାଇଁ ବଡ଼ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ।

## 'ବଜେଟ ଦେଶର ...

୨୦୨୪-୨୫ରେ ଦେଶର ବଜେଟ୍ ଆକାର ୪୭ ଲକ୍ଷ ୧୬ ହଜାର କୋଟି ଟଙ୍କା ଥିଲା ବେଳେ ଆସନ୍ତା ଆର୍ଥିକ ବର୍ଷ ପାଇଁ ୫୦ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ୍ ଆଗତ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ବଜେଟ୍ ତଥ୍ୟ ଅନୁସାରେ, ୨୦୨୫-୨୬ରେ କେନ୍ଦ୍ର ପ୍ରାୟୋଜିତ ଯୋଜନା ପାଇଁ ୫ ଲକ୍ଷ ୪୧ ହଜାର ୮୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନିୟମିତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

ବାଲିଆପାଳ , ୧/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ):: ଶଚିନ୍ଦ୍ର କୁମାର ଏବଂ ଯଶୋଦା ମଣି ସରକାରୀ ଉଚ୍ଚ ବିଦ୍ୟାଳୟ, ଲଙ୍ଗଳେଶ୍ୱର ପ୍ରାଙ୍ଗଣରେ କନିଷ୍ଠ ଶିକ୍ଷକରୁ ନିୟମିତ ହୋଇଥିବା ବାଲିଆପାଳ ବ୍ଲକର ୨୪ଜଣ ଶିକ୍ଷକ,ଶିକ୍ଷୟତ୍ରୀଙ୍କୁ ନିୟମିତ ପତ୍ର ପ୍ରଦାନ ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମୁର୍ମୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ଜେନା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ଶ୍ରୀମତୀ ନମିତା ପ୍ରଭା ସାମଲ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ମୀନାରାଣୀ ସାହୁ ଯୋଗ ଦେଇ ବହୁ ମୂଲ୍ୟ ବକ୍ତବ୍ୟ ରଖିଥିଲେ । ଶିକ୍ଷକମାନେ କିପରି ଗୁଣାତ୍ମକ ଶିକ୍ଷଣରେ ନିଜକୁ ଅଧିକରୁ ଅଧିକ ନିୟୋଜିତ କରି ପାରିବେ ଏବଂ ବାଲିଆପାଳ ବ୍ଲକର ସ୍ୱତନ୍ତ୍ରତାକୁ ଅତୁଟ ରଖିବେ ଏ ନେଇ ଅତିଥିମାନେ ଉଦବୋଧନ ଦେଇଥିଲେ । କନିଷ୍ଠ ଶିକ୍ଷକମାନଙ୍କ ମଧ୍ୟରୁ ମହାସଚିବ ରଞ୍ଜନ ମହାନ୍ତି,ସମ୍ପାଦକ ସୌରଭ



ପାତ୍ର,ସଙ୍ଗୀତା ପ୍ରୀତି,ରାଜୀବ ଲୋଚନ ଦେ, ରଶ୍ମିତା ପ୍ରଧାନ ପ୍ରମୁଖ ନିଜର ମନୋଜ୍ଞତା ଓ ପୂର୍ବ ଅନୁଭୂତିକୁ ଉପସ୍ଥାପନ କରିଥିବା ବେଳେ ସଭାପତି ଅନୁରାଗ ଭୂୟାଁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

# ଚୋରାବାଲି ଟ୍ରାକ୍ଟର ଜବତ: ଡ୍ରାଇଭର ଗିରଫ



ନୀଳଗିରି, ୧/୨ (ନି.ପ୍ର): ଦିନ ଦ୍ୱିପ୍ରହରରେ ବାଲି ଚୋରାଚାଲାଣ ବେଳେ ମାଡ଼ି ବସିଲା ପୋଲିସ। ଡ୍ରାଇଭରକୁ ଗିରଫ କରିବା ସହିତ ଟ୍ରାକ୍ଟରକୁ ଥାନାକୁ ଆଣିଥିବା ସୂଚନା ମିଳିଛି ।ନୀଳଗିରି ବ୍ଲକ୍ ସିଙ୍ଗିରୀ ନଦୀବାଲି ଉତ୍ସରୁ ଶନିବାର ସକାଳ ପ୍ରାୟ ୯.୩୦ ସମୟରେ ଏକ ନମ୍ବର ବିହୀନ ସୋନାଲିକା ଟ୍ରାକ୍ଟର ଚୋରାରେ ବାଲି ଚାଲାଣ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ଟ୍ରାକ୍ଟରକୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଛି । ଡ୍ରାଇଭର ଜଣକ ବେଗୁନିଆ ଗ୍ରାମର କଟ ସିଂ ର ପୁଅ ବୁଦ୍ଧିଆ ସିଂ ବୋଲି ସୂଚନା ମିଳିଛି। ଏନେଇ ନୀଳଗିରି ପୋଲିସ ୪୯/୨୫ରେ ମାମଲା ରୁଜୁ କରି ଡ୍ରାଇଭରକୁ କୋର୍ଟ ଚାଲାଣକରିଛି।

## ପ୍ରୟାଗରାଜ ମହାକୁମ୍ଭ- ଶ୍ରଦ୍ଧାଳୁଙ୍କ ଆଗମନରେ ବୃଦ୍ଧି

ମହାକୁମ୍ଭନଗର, ୧/୨ (ନି.ପ୍ର): ପତିତ ପାବନୀ ମାଆ ଗଙ୍ଗା, ଯମୁନା ଏବଂ ଅନ୍ତଃ ସଲୀଳା ସରସ୍ୱତୀଙ୍କ ପବିତ୍ର ସଙ୍ଗମ ତଟରେ ବସନ୍ତ ପଂଚମୀ ପୂର୍ବରୁ ପବିତ୍ର ଅବସରରେ ପୁଣ୍ୟ ଅର୍ଜନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଆଗମନ ବୃଦ୍ଧି ପାଇଛି । ଶନିବାର ୮ଟା ସୁଦ୍ଧା ୫୪.୨୬ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଆସ୍ଥା ବୁଡ ପକାଇଛନ୍ତି । ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନେଇ ଅଧିକ କଡା ବ୍ୟବସ୍ଥା କରାଯାଇଛି । ଅପର ମେଳା ଅଧିକାରୀ ମହାକୁମ୍ଭ ବିବେକ ଚର୍ତେଦୀ କହିଛନ୍ତି ଯେ, ଶନିବାର ସକାଳୁ ଏବେ ସୁଦ୍ଧା ୧୦ଲକ୍ଷରୁ ଅଧିକ କଳ୍ପବାସୀ ତଥା ତୀର୍ଥଯାତ୍ରୀଙ୍କ ସଂଖ୍ୟା ୪୪.୨୬ ଲକ୍ଷରୁ ଅଧିକ ପହଂଚିଛନ୍ତି । ଶ୍ରଦ୍ଧାଳୁ ପତିତପାବନୀ ମାଆ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ପବିତ୍ର ସଙ୍ଗମର ବିଭିନ୍ନ ଘାଟରେ ଆସ୍ଥାର ବୁଡ ପକାଇଛନ୍ତି ।

# ବିଦ୍ୟାଗତ ଶିକ୍ଷାଠାରୁ ନୈତିକ ଶିକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ

ବଡ଼ସାହି , ୧/୨ (ନି.ପ୍ର): ବଡ଼ସାହି ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁରେ ୩୨ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଅଛି । ସନ୍ତୋଷ କୁମାର ବେହେରା ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିଲେ । ସନ୍ତୋଷ କୁମାର ଖଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ , ଛାତ୍ର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଦ୍ୱାରା ଅତିଥି ବୃନ୍ଦଙ୍କୁ ସ୍ୱାଗତ କରାଯାଇଥିଲା । ପ୍ରଭାସ କୁମାର ନାୟକ ମଞ୍ଚ ପରିଚାଳନା କରିଥଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ପୁହାଣ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ । ମୁଖ୍ୟ ଅତିଥି ଡ଼. ଦୟାସିନ୍ଧୁ ପରିଡ଼ା ଉପଜିଲ୍ଲାପାଳ , ବାରିପଦା , ସ୍ୱତନ୍ତ୍ର ଅତିଥି :- ମନୱାର ଖାନ ବନାଞ୍ଚଳ ଅଧିକାରୀ ବେତନଟୀ , ମୁଖ୍ୟବକ୍ତା :- ଡ଼. ପ୍ରଭଞ୍ଜନ ରାଉତ୍ ଅଧକ୍ଷ, ସାଇ ବିଦ୍ୟା ମନ୍ଦିର ବାରିପଦା ,




ସମ୍ମାନୀୟ ଅତିଥି :- ଡ଼. ରଜନୀକାନ୍ତ ମହାପାତ୍ର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାଣତ୍ରୀ , ରମାକାନ୍ତ ମିଶ୍ର ଅଧ୍ୟାପକ ମାଣତ୍ରୀ ବାବା କଖାରୁଆ ଉଚ୍ଚ ମାଧମିକ ବିଦ୍ୟାଳୟ , ପର୍ଶୁରାମ ସାହୁ କଇଁଫୁଲ ପତ୍ରିକାର ସମ୍ପାଦକ, ସରୋଜ କୁମାର ବେହେରା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଅତିଥି ବୃନ୍ଦ ଶିକ୍ଷାର ବିକାଶ ନିମନ୍ତେ ଛାତ୍ର, ଶିକ୍ଷକ ଏବଂ ଅଭିଭାବକ ମାନେ ତତ୍ପରତା ହେବା ଉଚିତ୍ ଅଟେ । ବିଦ୍ୟାଗତ ଶିକ୍ଷା ଠାରୁ ନୈତିକ ଶିକ୍ଷା ଅଧିକ ଗୁରୁତ୍ୱ ଦେବା ଉଚିତ । ଶିକ୍ଷାୟତନରେ ଦଣ୍ଡ ମୁକ୍ତ ଅଞ୍ଚଳ ପରିବର୍ତ୍ତେ ଦଣ୍ଡଯୁକ୍ତ ଅଞ୍ଚଳ ହେଲେ, ଜ୍ଞାନ , ପଞ୍ଚାର ପ୍ରକୃତ ପରିଚୟ ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ଏ ଅଞ୍ଚଳର ଜଣେ ଯୁବ ଡାକ୍ତର ରଜନୀକାନ୍ତ ମହାପାତ୍ର ମାଣତ୍ରୀ ଚିକିତ୍ସା ଅଧିକାରୀଙ୍କୁ ସୁ ଚିକିତ୍ସା ଅଧିକାରୀ ରୂପେ ସମ୍ମାନୀତ କରିବା ସହିତ ଶିକ୍ଷା ବର୍ଷ ୨୦୨୩-୨୪ ମସିହା ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶକ୍ତିପଦ ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ଅତିଥି ବୃନ୍ଦ ପ୍ରଦାନ କରିଥିଲେ। ସନ୍ଧ୍ୟା ସମୟରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏ ବିଦ୍ୟାଳୟର ପୂରାତନ ଛାତ୍ର ଉତ୍ତମ କୁମାର ବେହେରା ଯାଦୁଖେଳ ଦେଖାଇ ସମସ୍ତଙ୍କ ନିକଟରେ ପ୍ରିୟପାତ୍ର ହୋଇ ପାରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉମାକାନ୍ତ ସାସମଲ , ପ୍ରମୋଦ କୁମାର ବିନ୍ଧାଣୀ ଧର୍ମେନ୍ଦ୍ର ସିଂ , ସରୋଜ କୁମାର ପଣ୍ଡା , ବିଜୟ କୁମାର ସାହୁ, ରାଜକିଶୋର ସିଂ , ଶଶୀଧର ସିଂ ଯୋଗ ଦେଇ କର୍ଯ୍ୟକ୍ରମକୁ ସଫଳ କରିଥଲେ, ସର୍ବଶେଷରେ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ପ୍ରଭାକର ଉପାଧ୍ୟାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଳମ୍ବିତ ରାତ୍ରୀରେ ସିରିଜ ଚୋରି

ବସ୍ତା, ୧/୨ (ନି.ପ୍ର): ବସ୍ତାଥାନା ଅଧିନସ୍ଥ ମଥାନୀ ପଞ୍ଚାୟତ ବିଭିନ୍ନ ସ୍ଥାନରୁ ଚୋରୀ ଅଭିଯୋଗ ହୋଇଛି। ଦୀର୍ଘ କେଇଦିନଧରି ମଥାନୀଛକ ଜଳକାପ୍ରଜେକ୍ଟ କଟିପୋଲ ନଳବାହାର ଛକ ଗୁଡିକରେ ନିଶାଡି ମାନଙ୍କର ପାର୍ଦୁଭାବ ବଢିଚାଲିଥିବା ବେଳେ ଗତକାଲି ବିଳମ୍ବିତ ରାତ୍ରିରେ ବଡଖୁଡି ଗ୍ରାମର ହରିହର ବେହେରା ଘରୁ ୧୪ବୁରା ଦୋନା ଚୋର ମାନେ ନେଇଥିବାସ୍ଥଳେ ସେହି ଗ୍ରାମର ମିଟ ଆଇଚ ଘରୁ ଗ୍ୟାସ ଟାଙ୍କି ସିଲଭର ହାଣ୍ଡି କଡା ଡିଗିଚି ନେଇଛନ୍ତି । ସେହିପରି ଝାମ୍ପଡା ଆଇଚ ଘରୁ ଦୋନା ଭର୍ତ୍ତି ୧୨ବସ୍ତା ଦୁବୃତ୍ତ ମାନେ ନେଇଯାଇଛନ୍ତି। ଯାହା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣସୃଷ୍ଟି ହୋଇଛି । ଏ ନେଇଆଜି ଥାନାରେ ଅଭିଯୋଗ କରିଛନ୍ତି ବୋଲି ଜଣାପଡିଛି ।

# ଗୋଚର ଜାଗା ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ଦାବି

ବାଲିଆପାଳ , ୧/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ଗ୍ରାମର ଥିବା ୪ ଡିସିମିଲ ରୁ ଅଧିକ ଗୋଚର ଜାଗାକୁ ଜନୈକ ବ୍ୟକ୍ତି ଜବର ଦଖଲ କରିବା ସହିତ ଉକ୍ତ ଜମିକୁ କଂକ୍ରିଟ ପାଚେରୀ କରି ଘେରି ନେଇଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ସୁଚନାରୁ ପ୍ରକାଶ ଜାମକୁଣ୍ଡା ଗ୍ରାମର ମୁଖ୍ୟ ରାସ୍ତା ପାଖରେ ଥିବା ବାଲିଆପାଳ ତହସିଲ ଖାତା ନମ୍ବର ୨୭୫୩ର ପ୍ଲଟ ନମ୍ବର ୬୨୫୦ ଜାଗାଟି ଅକ୍ଷୟ ଜେନାଙ୍କ ପୁଅ ରାଧାନାଥ ଜେନା ପାଚେରୀ ଉଠାଇ ଘେରିନେବା ଦ୍ୱାରା ଯାତାୟାତରେ ଘୋର ଅସୁବିଧା ଦେଖା ଯାଇଛି। ଚାରି ଚକିଆ ଯାନ ଗ୍ରାମ ଭିତରକୁ ଭିତରକୁ ଯିବାରେ ବାଧା ପ୍ରାପ୍ତ ହେବା ସହିତ ପିଲାମାନେ ବିଦ୍ୟାଳୟକୁ ଯିବା ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଆମ୍ବୁଲାନ୍ସ ଆସିବା ପାଇଁ ମଧ ରାସ୍ତା ଅବରୋଧ ହେଉଛି । ଏକ ସର୍ବସାଧାରଣ ଗୋଚର ପାଇଁ



ଉଦିଷ୍ଟକୁ ଜାଗାକୁ ଜନୈକ ବ୍ୟକ୍ତି ଅବରୋଧ କରିବାକୁ ବିରୋଧ କରି ଗ୍ରାମବାସୀ ମାନେ ସ୍ଥାନୀୟ ଜାମକୁଣ୍ଡା ରାଜସ୍ୱ ନିରୀକ୍ଷକ ଓ ବାଲିଆପାଳ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ପରେ ମଧ ଏଯାଏଁ କିଛି କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ସନ୍ଦେହ ଦେଖା ଯାଇଛି। ଆରଆଇ କେବଳ ଗୋଟିଏ ଏଲି କେଶ କରିଦେଇ ଚୁପ ହୋଇ ବସିଛନ୍ତି। ଆମେ ଶ୍ରୀ ଜେନାଙ୍କ ମତା ମତ ନେଇଥିଲୁ ସେ ମଧ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି ଜାମକୁଣ୍ଡା ଗ୍ରାମରେ ଅନେକ ଦୁଇ ମହଲା କୋଠା ଘର ଏବଂ ଗ୍ରାମର ପାଣି ନିଷ୍କାସନ ହେଉଥିବା ପାସି ଖାଲକୁ ମାଟି ପୁରଣ କରି ବାଡ଼ କରାଯାଇଥିବା ସରକାରୀ ଜାଗାକୁ ଉଚ୍ଛେଦ କରାଯାଉ । ତେବେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ନେଲେ ଗ୍ରାମବାସୀ ରାଜସ୍ୱ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ସହିତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଭଗିରଥ ନାୟକ, ସୁଶୀଲ କୁମାର ପରିଡା, ସଞ୍ଜୟ ଦାସ, ଗୋପୀନାଥ ଦାସ, ରଞ୍ଜନ କୁମାର ପରିଡା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠିଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ଏହି ଜାଗାକୁ ଚିହ୍ନଟ କରି ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

# ସଦର ବିଜେପି ପକ୍ଷରୁ ସୋନିଆ ଓ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ

ବାଲେଶ୍ୱର, ୧/୨ (ନି.ପ୍ର): ଦେଶର ମହାମହିମ ରାଷ୍ଟ୍ରପତି ତଥା ଓଡ଼ିଶାର ଗର୍ବ ଓ ଗୌରବ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ । ଏହାର ପ୍ରତିବାଦରେ ବିଭିନ୍ନ ସ୍ଥାନରେ ଏହାକୁ କଡା ନିନ୍ଦା କରାଯାଉଛି। ଏହାର ଅନୁରୂପ ଆଜି ବାଲେଶ୍ୱର ସହରର ଫକୀର ମୋହନ ଗୋଲେଇ ଠାରେ ସଦର ବିଧାୟକ ମାନସ ଦତ୍ତଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି, ବାଲେଶ୍ୱର ସଦର ତରଫରୁ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଅଛି। କଂଗ୍ରେସ




କେବଳ ଆଦିବାସୀ ସମ୍ପ୍ରଦାୟକୁ ଅପମାନିତ କରିନାହିଁ ବରଂ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅସମ୍ମାନ କରିଛି । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶର ମହାମହିମ ରାଷ୍ଟ୍ରପତି,ଯିଏ ଆଦିବାସୀ ସମାଜରୁ ଆସିଛନ୍ତି,ସେ କେବେବି 'ଗରିବ' ଏବଂ 'କ୍ଲାନ୍ତ' ହୋଇପାରିବେ ନାହିଁ। ଏବେ ବି ଗାନ୍ଧୀ ପରିବାର ସଦସ୍ୟଙ୍କ ମନରେ ଜନଜାତି ଓ ଭାରତୀୟ ମହିଳାଙ୍କ ପ୍ରତି ଥିବା ଘୃଣ୍ୟ ଚିନ୍ତା ଓ ମାନସିକତା ବସାବାନ୍ଧି ରହିଛି । ଏହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ଶ୍ରୀମତୀ ସୋନିଆ ଗାନ୍ଧୀ କ୍ଷମା ମାଗିବା ଉଚିତ ବୋଲି ସଦର ବିଧାୟକ ମାନସ ଦତ୍ତ ମତପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଚିତ୍ତରଞ୍ଜନ ପଣ୍ଡା, ସୁଜିତ ଦେବ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ବିଭୁପଦ ଦାସ, ହରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, ନିତ୍ୟ ଗୋପଲ ସିଂ, ରୋଜାଲୀନ ପାଣି, ବିକାଶ ପାଢ଼ୀ, ସୌଭାଗ୍ୟ ମାନସ ନାୟକ, ମନୋରଂଜନ ନନ୍ଦି, ଉମେଶ ବେହେରା, ପବନ କମିଳା, ସିପ୍ରା ରେଖା ମହାପାତ୍ର, ମମତା ମହାପାତ୍ର, ଶ୍ରୀୟା ଦାସ, ସସ୍ମିତା ଦାଶ, ସଂଯୁକ୍ତା ମହାପାତ୍ର, ଜିତୁ ପରମାଣିକ, ପିଣ୍ଟୁ ପାଣିଗ୍ରାହୀ, ରଞ୍ଜନ ଦାସ, କାହ୍ନୁ ମହାଳିକ, ପ୍ରହ୍ଲାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆମେରିକାରେ ଏଫବିଆଇର ୨୪ରୁ ଅଧିକ ଅଧିକାରୀ ବରଖାସ୍ତ

ୱାଂଶିଟନ, ୧/୨ : ସଂଯୁକ୍ତ ରାଷ୍ଟ୍ର ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନର ୬ ସବୁଠୁ ବରିଷ୍ଠ ଅଧିକାରୀ ଓ ସାରା ଦେଶର ଏଫବିଆଇ ଫିଲ୍ଡ କାର୍ଯ୍ୟାଳୟର ଅନେକ ପ୍ରମୁଖଙ୍କୁ ବାହାର କରାଯାଇଛି । ଏଭଳି ଅଧିକାରୀଙ୍କ ମୋଟ ସଂଖ୍ୟା ୨୪ରୁ ଅଧିକ ବୋଲି କୁହାଯାଉଛି । ଏମାନଙ୍କ ମଧ୍ୟରେ କିଛି ଅଧିକାରୀ ଏଭଳି ଅଛନ୍ତି ଯିଏକି ଜାନୁୟାରୀ ୬ର କ୍ୟାପିଟାଲ ଦଙ୍ଗାର ଯାଂଚ କରୁଥିଲେ ।

# ଖୁଂଟାପାଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉଦଳା , ୧/୨ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଖୁଂଟାପାଳ ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗତ ଜାନୁଆରୀ ୩୧ ତାରିଖ ଶୁକ୍ରବାର ଦିନ ଆନନ୍ଦ ଉଲ୍ଲାସ ମଧରେ ପାଳିତ ହୋଇଯାଇଛି । ଏଥିପାଇଁ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନିତିଷ କୁମାର ଘୋଷ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିବା ସହ ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ସୁନ୍ଦର ପରିବେଶ ଓ ଉପଯୁକ୍ତ ଶୈକ୍ଷିକ ବାତାବରଣ ପାଇଁ ଏଠାରେ




କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କୃତଜ୍ଞତା ଜଣାଇଥିଲେ । ପ୍ରଧାନ ଶିକ୍ଷକ ଆରତ କୁମାର ପରିଡ଼ା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଆଜିର ଉତ୍ସବକୁ ସଫଳ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପରିଚାଳନା କମିଟି, ଅବିଭାବକ ଓ ସ୍ଥାନୀ ସରପଂଚ ସମସ୍ତେ ମିଳିମିଶି ଯେଉଁଭଳି ଭାବରେ ସହଯୋଗର ହାତ ବଢ଼ାଇଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ବେହେରା, ସଂପାଦକ ଲଳିତ କୁମାର ବେହେରା, କୋଷାଧକ୍ଷ ପ୍ରମୋଦ କୁମାର ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ବାରିକ, ବିଦ୍ୟାଳୟର ଚେୟାରମ୍ୟାନ ମୀନତି ଦେହୁରୀ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଏହିଭଳି ସୁନ୍ଦର ପରିବେଶ ଓ ଶୈକ୍ଷିକବାତାବରଣ ସବୁ ବିଦ୍ୟାଳୟରେ ସୃଷ୍ଟି ହେବାର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ମାଧମରେ କହିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପ୍ରରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଇନ୍ଦୁମତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱର ମହୋତ୍ସବ -୨୦୨୫ର ୩ୟ ଦିବସରେ କବିତା ପାଠୋତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୧/୨ (ନି.ପ୍ର): ଜଳେଶ୍ୱର ମହୋତ୍ସବ-୨୦୨୫ର ୩ୟ ଦିବସ ଅପରାହ୍ନ ୪ଟା ସମୟରେ କବି ବାଞ୍ଛାନିଧି ମହାନ୍ତିଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ସୁଧୀର କୁମାର କର,ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଓଡ଼ିଆ ଅଧାପକ ଡ.ନୀଳକଣ୍ଠ ଖଣ୍ଡା ଯୋଗ ଦେଇ କବିତାର ଦିଗ ଦିଗନ୍ତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।କବି ଶ୍ରୀ କୁମାର ପଠିତ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ। ସଂଯୋଜକ କବି ଓ ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି କବିତା ପାଠୋତ୍ସବକୁ ପରିଚାଳନା



କରିଥିଲେ। ବର୍ଷୀୟାନ କବି ନରୋତ୍ତମ ପ୍ରଧାନଙ୍କୁ କବି ସମ୍ମିଳନୀ ପକ୍ଷରୁ ମୋମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।କବୟିତ୍ରୀ ଶାନ୍ତିଲତା ପ୍ରଧାନ,ବସନ୍ତ ଦାସ, ତୀର୍ଥେଶ ଚନ୍ଦ୍ର ରାୟ ମହାଶୟ,ଭାନୁ କିରଣ ବାରିକ,କମଳ କାମିନୀ ଦେ,ଭାଗବତ ଚନ୍ଦ୍ର ପରିଡା,ଇ. ସଞ୍ଜୟ କୁମାର ଦାସ,ଲିଲିମା ମହାନ୍ତି, ଇନ୍ଦୁମତି ଗିରି,ପ୍ରଦୀପ କୁମାର ସିଂହ, କମଳିନୀ ସେନାପତି, ଅନନ୍ତ ଦାସ, ନରୋତ୍ତମ ପ୍ରଧାନ,ଅଲିଭା ଘୋଷ,ପୂର୍ଣ୍ଣଚନ୍ଦ୍ର ଓଝା,ରମେଶ ଚନ୍ଦ୍ର ନାୟକ,ମହେଶ୍ୱର ଜେନା,ନିକୁଞ୍ଜ ଘୋଷ,ସୁଧୀର କର,ଡ.ନୀଳକଣ୍ଠ ଖଣ୍ଡା,ନିକୁଞ୍ଜ ଘୋଷ,ଜ୍ୟୋତ୍ସ୍ନା ରାଣୀ ମହାନ୍ତି,ସୁଶୀଲ କୁମାର ମାହାନା, ରଞ୍ଜନ ଘୋଷ,ପଦ୍ମନାଭ ପ୍ରଧାନ, ପ୍ରଦୀପ କୁମାର ଦାସ, କମଳ ଲୋଚନ ଜେନା,ଘନଶ୍ୟାମ ଗିରି, ପ୍ରଶାନ୍ତ ରାଉଳ,ଶିଶିର କୁମାର ଦେ,ରଞ୍ଜୁରାଣୀ ସାହୁ,ପ୍ରକାଶ ଚନ୍ଦ୍ର ଦେ, ପଲ୍ଲୀ ଦାସ, ଜଳଧର ଭଞ୍ଜ,ବାଞ୍ଛାନିଧି ମହାନ୍ତି,ରବୀନ୍ଦ୍ର ନାଥ ସେନାପତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ମୋରମ ଲୁଟ୍ ବନ୍ଦ ନହେଲେ ଅନଶନରେ ବସିବେ ଚାଷୀ

ଖଇରା, ୧/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କଳମଚୁଆ,ଦୋମୁହାଁଣି ଓ ରଟିଣା ହୁରିପଡିଆ ଗ୍ରାମ ନିକଟରେ ମୋରମ ବ୍ୟବସାୟୀ ମାନେ ଚାଷିଙ୍କୁ ପ୍ରଲୋଭିତ କରି ଶହ ଶହ ଟ୍ରିପ ମୋରମ ଉତ୍ତୋଳନ କରୁଥିବା ନେଇ କିଛି ଚାଷି ଖଇରା ତହସିଲ ଓ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁର୍ବପୁରୁଷଙ୍କ ଅମଳରୁ ବ୍ୟବହୃତ ଚାଷ ଜମିରୁ ରାତି ଅଧିଆ ଜେସିବି ଲଗାଇ ଟ୍ରିପ ଟ୍ରିପ ମୋରମ ଆମ୍ବହତା କେନାଲ ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି । ତୁରନ୍ତ ଏହାର ପ୍ରତିକାର କରାନଗଲେ ଚାଷି ମାନେ ପରିବାର ସହ ତହସିଲ ଆଗରେ ଅନଶନରେ ବସିବାକୁ କଳମଚୁଆ ଗ୍ରାମର ମମତା ମୁଣ୍ଡିଆନ ଙ୍କ ସମେତ ଅନ୍ୟାନ୍ୟ ଚାଷୀ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ସେ ଜେଜେବାପା ନବ ମୁଣ୍ଡିଆଣ ଙ୍କ ଅମଳରୁ ଯେଉଁ ଜମି ଚାଷ କରି ପରିବାର ଲୋକେ ଗଜୁରାଣ ମେଣ୍ଟାଉଥିଲେ ସେ ଜମିକୁ କିଛି ମୋରମ ଲୁଟେରା ତାଙ୍କୁ ତାଙ୍କ ଗ୍ରାମବାସୀଙ୍କୁ ଧମକ ଚମକ ଦେଇ



ମୋରମ ବିକ୍ରି କରି ଚାଲିଛନ୍ତି ରାତିରେ ଏହି କାମ କରୁଥିବା ବେଳେ କୌଣସୀ ଅଧିକାରୀ ତଦନ୍ତ କରୁନଥିବାରୁ ବହୁ ଚାଷ ଜମି ଖାଲଖମାରେ ଭର୍ତ୍ତୀ ହୋଇ ଗଲାଣି । ଯାହାଫଳରେ ଏବେ ଆଗକୁ ପିଲାମାନଙ୍କ ଲାଗି ଖାଦ୍ୟ ଚିନ୍ତା ଘାରିଲାଣି । ଏଭଳିକି ବିରୋଧ କଲେ ଜେସିବି ଓ ଟ୍ରାକ୍ଟର ଚପାଇ ହତ୍ୟା ଧମକ ଦେଉଥିବା ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ଜିତେନ୍ଦ୍ର ମୁର୍ମୁଙ୍କୁ ଯୋଗାଯୋଗ କରିବାରେ ସେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ଆଗାମୀ ୨ ଦିନ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର, ୧/୨ (ନି.ପ୍ର): ଆଗାମୀ ୨ ଦିନ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଏନେଇ ଆସନ୍ତା ୨୪ ଘଂଟା ପାଇଁ ୧୬ଟି ଜିଲ୍ଲାକୁ ଚେତାବନୀ ଜାରୀ କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଅନୁଗୁଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ନେଇ ଚେତାବନୀ ରହିଛି । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧରେ ରହିପାରେ । ସେହିପରି ୨ ତାରିଖ ସକାଳ ୮ଟା ୩୦ରୁ ୩ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୭ଟି ଜିଲ୍ଲାକୁ ଚେତାବନୀ ଜାରି ହୋଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida